Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 | ODIMUL00867 | Rs - 5.00

ଭାଗ:୧, ସଂଖ୍ୟା-୩୦, ଭୁବନେଶ୍ୱର, ୧୦ ରୁ ୧୬ ଜୁନ୍, ୨୦୨୪ | Vol-1, Issue-30, Bhubaneswar, 10 to 16 June , 2024



### ଟାଟୁ ପ୍ରେମରେ ଯୁବପିଢ଼ି

## ଆଗକୁ ଦେଖା ଦେଇପାରେ ରକ୍ତ ସଂକଟ !

- ଦୈନିକ ରକ୍ତଦାନ କେନ୍ଦ୍ରରୁ ରକ୍ତଦାନ କରି ନପାରି ଫେରୁଛନ୍ତି ପାଖାପାଖି ଶହେରୁ ଊର୍ଦ୍ଧ୍ୱ ରକ୍ତଦାତା
- ଟାଟୁ କରାଇ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ ଆମ ରାଜ୍ୟରେ ନାହିଁ

ଜ୍ଞାନ ରଂଜନ ମିଶ୍ର

(ଭିଓଭି): ରକ୍ତଦାନ ଜୀବନ ଦାନ କିମ୍ବା ରକ୍ତଦାନ ଏକ ମହତ ଦାନ ଏ ସ୍ଲୋଗାନ ଏବେ ପୁରୁଣା ହେଲାଣି। କାରଣ ରକ୍ତଦାନ କରି ରକ୍ତର ସମ୍ପର୍କ ଗଢିବାକୁ ଆଜିର ପିଢି ଆଗଭର। ରକ୍ତଦାନ କଲେ ଶରୀର ସୁସ୍ଥ ରୁହେ, ଜୀବନ ବଞ୍ଚାଇ ହୁଏ ଏକଥାକୁ ସମସ୍ତେ ମାନିବେ। ଯୁଗର ବିବର୍ତ୍ତନ ଓ ବିଜ୍ଞାନର ଉନ୍ନତି ସହିତ ମନୁଷ୍ୟ ପ୍ରାୟ ସବୁ ବିକଳ୍ପ ବାହାର କରି ସାରିଲାଣି କିନ୍ତୁ ରକ୍ତର ବିକଳ୍ପ ଆଜି ପର୍ଯ୍ୟନ୍ତ ବାହାରିପାରିନି। ଜନ୍ମ ଓ ମୃତ୍ୟୁ ଭଳି ଏହା ଭଗବାନଙ୍କଏକ ଅନନ୍ୟ ସୃଷ୍ଟି ହେଇ ରହିଛି। ଜନ ସଚେତନତା ଅଭାବରୁ ଆଗରୁ ରକ୍ତଦାନ ପାଇଁ ମଣିଷ ଭୟ କରୁଥିଲା। ଏବେ ମଣିଷ ଯଥେଷ୍ଟ ସଚେତନ, ତେଣୁ ରକ୍ତଦାନ କରି ଜୀବନ ବଞ୍ଚେଇବାକୁ ବା ସମ୍ପର୍କ ସୃଷ୍ଟି କରିବାକୁ ଆଗ୍ରହ ପ୍ରକାଶ କଲେଣି। ନବେ ଦଶକ ପର୍ଯ୍ୟନ୍ତ କାହାକୁ ଯଦି ଆବଶ୍ୟକ ବେଳେ ଅନ୍ୟ କିଏ ରକ୍ତଦାନ କରୁଥିଲା ସେହି ରକ୍ତଦାତାର ପରିବାର ରକ୍ତଗ୍ରହୀତା ପରିବାର ସହିତ ସାରା ଜୀବନ ଗୁଆ ଦିଆନିଆ ବନ୍ଧୁ ହୋଇଯାଉଥିଲା।

ରକ୍ତଦାନ କରିବା ଓ ତାର ଉପକାରିତା ସମ୍ବନ୍ଧରେ କେହି କିଛି ଜାଣୁନଥିଲେ, କିମ୍ବା ସଚେତନ ନଥିଲେ। ସରକାରୀ କି ବେସରକାରୀ ସ୍ତରରେ କୈାଣସି ସଚେତନତା କାର୍ଯ୍ୟକ୍ରମ ବି ହେଉନଥିଲା। ସାଧାରଣ ଲୋକଙ୍କର ଧାରଣା ଥିଲା ଯେ ଆମେ ରକ୍ତ ଦେଲେ ଆମ ଶରୀରରୁ ରକ୍ତ କମିଯିବ ଓ ନାନାଦି ପ୍ରକାର ରୋଗ ମାଡ଼ିବସିବ। ବହୁଳ ପ୍ରସାରିତ ଏହି ଭ୍ରାନ୍ତ ଧାରଣାରୁ ଲୋକଙ୍କୁ ଦୁରାଇ ରକ୍ତଦାନର ଉପକାରିତା ବିଷୟରେ ଅନେକ ସଂସ୍ଥା କାମ କରିବା ଆରମ୍ଭ କରିଦେଲେ। ଏମିତି ସମୟ ଆସିଲା ଯେ ଆଉ ରକ୍ତ ଅଭାବରୁ କାହାର ମୃତ୍ୟୁ ହେଲା ନାହିଁ। ରକ୍ତଦାନ କେନ୍ଦ୍ରକୁ ଯାଇ ଜନସାଧାରଣ ନିରନ୍ତର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ପ୍ରକ୍ରିୟାରେ ଭାଗ ନେଲେ। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାନ ଶିବିରମାନ ଆୟୋଜନ କରାଇ ଯୁବ ପିଢିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରି ସଫଳ ମଧ୍ୟ ହେଲେ। ତେଣୁ ଆଜିର ଦିନରେ ଜଣେ ରୋଗୀ ରକ୍ତ ଆବଶ୍ୟକ କଲେ ତାର ସମ୍ପର୍କୀୟ କେହି ସାମାଜିକ ଗଣମାଧ୍ୟମ (ହ୍ୱାଟସଆପ୍ କିମ୍ବା ଫେସବୁକ୍ )ରେ ଆବଶ୍ୟକୀୟ ତଥ୍ୟ ସହ ଅନୁରୋଧ ପକାଇଦେଲେ କେଉଁ ରକ୍ତଦାତା କେତେବେଳେ ଯାଇ ଉଦ୍ଦିଷ୍ଟ କେନ୍ଦ୍ରରେ ରକ୍ତଦାନ କରିଦେଇ ଆସୁଛନ୍ତି ରୋଗୀ କିମ୍ବା ତାଙ୍କର ସମ୍ପର୍କୀୟ ଜାଣିପାରୁନାହାଁନ୍ତି।



ଏବେ ଆସିବା ଆଜିର ପ୍ରସଙ୍ଗକୁ। ଆଜିକାଲି ରକ୍ତଦାନ ପାଇଁ ସଚେତନତା ଥିବା ସମୟରେ ସରକାରଙ୍କ ସର୍ଭେ ରିପୋର୍ଟ କହୁଛି ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ରକ୍ତଦାତା ହେଉଛନ୍ତି ଯୁବ ପିଢ଼ି। ଯେଉଁ ମାନଙ୍କ ବୟସ ହେଉଛି ୨୦ ରୁ ୩୫ ମଧ୍ୟରେ। ଏହି ବୟସର ଅଧିକାଂଶ ଯୁବକଯୁବତୀମାନେ ଏବେ ନିଜ ଦେହରେ ଟାଟୁ କରିବାକୁ ପସନ୍ଦ କରୁଛନ୍ତି। ମାନେ ଆଜିର ଯୁବ ପିଢି ଏବେ ଟାଟୁ ପ୍ରେମରେ। ନିଜ ପସନ୍ଦ ଅନୁସାରେ କିଏ ହାତରେ ତ କିଏ



ଗୋଡ଼ରେ ଆଉ କିଏ ଶରୀରର ଅନ୍ୟ କେଉଁ ସ୍ଥାନରେ ଟାଟୁ କରୁଛନ୍ତି। ଶରୀରରେ ଟାଟୁ କଲେ ଛଅ ମାସ ପର୍ଯ୍ୟନ୍ତ ରକ୍ତଦାନ କରିପାରିବେ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO)ଙ୍କ ନିର୍ଦ୍ଦେଶାନାମା ଅନୁସାରେ ଦେହରେ ଟାଟୁ କରିଥିଲେ ଅତି କମ୍‌ରେ ଛଅ ମାସ ପର୍ଯ୍ୟନ୍ତ ରକ୍ତଦାନ କରିବା ମନା। ଏପରି କି କାନ କିମ୍ବା ନାକ ଫୋଡ଼ିଥିଲେ ବି ବାର ଘଣ୍ଟା ପର୍ଯ୍ୟନ୍ତ ରକ୍ତଦାନ ପାଇଁ ବାରଣ କରାଯାଇଛି। ଏବେ ଯୁବ ପିଢ଼ି ଯାହାକୁ ଦେଖିବେ ପ୍ରାୟ ନିଶ୍ଚୟ ନିଜ ନିଜ ଶରୀରରେ ଛୋଟ ବଡ ଟାଟୁ କରିଥିବେ। ଗଳି, କନ୍ଦି ସପିଙ୍ଗ୍ ମଲ୍ ସାମ୍ନାରେ, ଭିତରେ, ଛୋଟ ମୋଟ ପାର୍ଲର ସବୁ ଜାଗାରେ ଟାଟୁ କାରିଗର ଭର୍ତ୍ତି। ଏ ବିଷୟରେ ଏମ୍ସ ସମେତ କିଛି ଡାକ୍ତରଖାନା ରେ ଥିବା ବ୍ଲଡ଼ ବ୍ୟାଙ୍କ୍ ଅଧିକାରୀ (ଡାକ୍ତର)ଙ୍କୁ ପଚାରି ବୁଝିଥିଲୁ। ଆଶ୍ଚର୍ଯ୍ୟଚକିତ କଲାଭଳି ତଥ୍ୟଟି ହେଉଛି କେବଳ ରାଜଧାନୀରେ ଥିବା ବିଭିନ୍ନ ବ୍ଲଡ଼ ବ୍ୟାଙ୍କରୁ ପ୍ରତିଦିନ ଶହେରୁ ଉର୍ଦ୍ଧ୍ୱ ଆଗ୍ରହୀ ରକ୍ତଦାତାଙ୍କୁ ଶରୀରରେ ଟାଟୁ ଥିବା କାରଣରୁ ରକ୍ତଦାନ କରିବା ନିମନ୍ତେ ବାରଣ କରି ଫେରାଇ ଦିଆଯାଉଛି। ଡାକ୍ତରଙ୍କ ମତ ହେଲା ଆମେ କେମିତି ଜାଣିବୁ ଯେ ରକ୍ତଦାନ ନିମିତ୍ତ ଆସିଥିବା ଲୋକଟି କେବେ ଟାଟୁ କରିଛି ? ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେ ଟାଟୁ କରିସାରିବା ପରେ ତାରିଖଯୁକ୍ତ ସାର୍ଟିଫେକଟ୍ ଦେବାକୁ ସେମିତି କୌଣସି ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ ଆମ ରାଜ୍ୟରେ ନାହିଁ।

ଏହି କାରଣ ପାଇଁ ଡାକ୍ତରମାନେ ଶରୀର ରେ ଦୃଶ୍ୟମାନ ଟାଟୁ ଥିଲେ ରକ୍ତଦାନ କରିବା ନିମନ୍ତେ ଅନୁମତି ଦେଉନାହାନ୍ତି। କେହିକେହି ରକ୍ତଦାତା ଶରୀର ର ଦେଖା ଯାଉନଥିବା ଜାଗାରେ ଟାଟୁ କରି ନଜଣାଇ ରକ୍ତଦାନ କରି ଦେଉଛନ୍ତି ଯାହାକି ଅସୁରକ୍ଷିତ। ଆଗକୁ ଯଦି ଟାଟୁ ପ୍ରେମ ବଢ଼ି ଚାଲିବ ତେବେ ପ୍ରାୟ ଯୁବ ପିଢ଼ି ଆଉ ରକ୍ତଦାନ କରିପାରିବେ ନାହିଁ। ଯାହା ଫଳରେ ପୂର୍ବ ସମୟ ଭଳି ରକ୍ତ ସଙ୍କଟ ଉପୁଯିବ।

ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ସ୍ୱରୂପ କେଉଁମାନେ ଟାଟୁ କରି ପାରିବେ ସେ ସମ୍ବନ୍ଧୀୟ ଏକ ନିୟମାବଳି ପ୍ରସ୍ତୁତି କରିବା ଆବଶ୍ୟକ। ଅନ୍ୟଥା ରକ୍ତଦାନ କେନ୍ଦ୍ରରେ ରକ୍ତଦାତା କମିବେ। ଅଦୃଶ୍ୟମାନ ଯାଗାରେ ଟାଟୁ କରି, ଡାକ୍ତରଙ୍କୁ ନ ଜଣାଇ ରକ୍ତଦାନ କରିବା ଦ୍ୱାରା ଅସୁରକ୍ଷିତ ରକ୍ତ ସଂଗ୍ରହ ବଢିବା ସହ ଅନେକଙ୍କ ଜୀବନ ବିପନ୍ନ ହେବାର ସମ୍ଭାବନାକୁ ମଧ୍ୟ ଏଡାଇ ହେବନାହିଁ।

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ବନ୍ଧନ
ସୁ-ସମ୍ପର୍କ ଗଢେ

ALL TYPES OF
INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ଏଠାରେ ନିମନ୍ତ୍ରଣ
କାର୍ଡ ମିଳେ

# ସଂ ପା ଦ କୀ ୟ

**୧୦ ରୁ ୧୬ ଜୁନ୍ ୨୦୨୪**

## ଅସହିଷ୍ଣୁତା କବଳରେ ଗଣତନ୍ତ୍ର

ଏବେ ଆମ ଦେଶରେ ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ ଶେଷ ହୋଇଛି। ୨୦୨୪ ନିର୍ବାଚନରେ ଦଳମାନଙ୍କର ଚିନ୍ତାଧାରା, ମୁଖିଆଙ୍କ ଚିତ୍ର ଚରିତ୍ର, ନେତାଙ୍କ ହାବଭାବ ଓ ସମର୍ଥକଙ୍କ କାର୍ଯ୍ୟକଳାପ ଦେଖିଲେ ମନେହୁଏ ଯେ ଏହା ଅତୀତର ସମସ୍ତ ନିର୍ବାଚନ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ସମୟରେ କିଛି ନଦେଖିଲା ଜିନିଷ ଦେଖିବାକୁ ମିଳିଛି। ନଶୁଣିଲା ଜିନିଷ ଶୁଣିବାକୁ ମିଳିଛି ଏବଂ ନେତାଙ୍କ କାର୍ଯ୍ୟଶୈଳୀରେ ମଧ୍ୟ ନୂତନତ୍ୱ ଦେଖାଦେଇଛି। ଗାଁ ଗାଁରେ ଅଶାନ୍ତିର ବାତାବରଣ, ନେତା ନେତା ମଧ୍ୟରେ ମାଡ଼ପିଟ୍,ମୁଖିଆଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଓ ସମର୍ଥକଙ୍କ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ପ୍ରଭୃତି କାର୍ଯ୍ୟକ୍ରମ ବଢ଼ିବଢ଼ି ଚାଲିଥିବା ସ୍ପଷ୍ଟ ହୋଇଛି। କେଉଁଠି ଥାନା ଘେରାଉ ତ କେଉଁଠି ଇ.ଭି.ଏମ ଭଙ୍ଗାରୁଜା ପୁଣି କେଉଁଠି ଭୋଟ ଗ୍ରହଣ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ଆକ୍ରମଣ ଘଟଣା ଘଟିଯାଇଛି। ଏହା ଗଣତନ୍ତ୍ର ପ୍ରତି କେବେ ମଧ୍ୟ ଶୁଭଙ୍କର ନୁହେଁ। ବେଲଗାମ ଭାବରେ ଅସହିଷ୍ଣୁତା କାୟାବିସ୍ତାର କରିଚାଲିଛି ଏଥିରେ ସନ୍ଦେହ ନାହିଁ।

୨୦୨୪ ନିର୍ବାଚନ ଓଡ଼ିଶାବାସୀଙ୍କ ପାଇଁ ଏକ ନୂତନ ସଂକେତ ନେଇ ଆସିଛି। ବିଭିନ୍ନ ଦଳର କାର୍ଯ୍ୟକ୍ରମ, ମୁଖିଆଙ୍କ ଆଚରଣ ଉଚ୍ଚାରଣ ଦେଖିବା ପରେ ମନେହୁଏ ଯେ ଏହା ସଂପୂର୍ଣ୍ଣ ଭାବରେ ଦଳ କୈନ୍ଦ୍ରିକ ଓ ମୁଖିଆ ସର୍ବସ୍ୱ। ନିର୍ବାଚନରେ ଅଂଶଗ୍ରହଣ କରିଥିବା ନେତାଙ୍କ ବ୍ୟକ୍ତିତ୍ୱ ପ୍ରଭାବହୀନ। ଏପରି ଉଦାହରଣ ମଧ୍ୟ ଲୋକଲୋଚନକୁ ଆସିଛି ଯେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ନକରିବା ପର୍ଯ୍ୟନ୍ତ ନିଜେ ମଧ୍ୟ ଜାଣି ପାରିନଥାନ୍ତି ଯେ ସେ ନିର୍ବାଚନରେ ଲଢ଼ିବେ ନା ନାହିଁ। ଏହା ରାଜତନ୍ତ୍ର ଆଡ଼କୁ ଇଙ୍ଗିତ କରୁ ନାହିଁ ତ ?

ସେହିପରି ଦଳ ଡିଆଁରୋଗ ଏହି ନିର୍ବାଚନରେ ମହାମାରୀ ପରି ବ୍ୟାପିଥିଲା। ନେତାଏ ସକାଳେ ଗୋଟିଏ ଦଳ ତ ସନ୍ଧ୍ୟାରେ ଆଉ ଗୋଟିଏ ଦଳକୁ ଡିଆଁ ମାରିଛନ୍ତି। ତା'ପରେ ତାଙ୍କର ହାବଭାବ, ରଙ୍ଗଢଙ୍ଗ ଏପରିକି କଥାବାର୍ତ୍ତା ମଧ୍ୟ ବଦଳିଯାଇଛି। ଯେଉଁ ତୁଣ୍ଡରେ ଅରୁଆ ସେହି ତୁଣ୍ଡରେ ଉଷୁନା। ପୁଣି ସକାଳେ ଯେଉଁ ଦଳକୁ ପ୍ରଶଂସାରେ ପୋତି ପକାଉଥିଲେ ସନ୍ଧ୍ୟାରେ ସେହି ଦଳକୁ ନିନ୍ଦାର ଅଗ୍ନିବର୍ଷା। ଏହା ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ଲଜ୍ଜାକର କଥା । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଦଳ ଡେଇଁଥିବା ନେତାଙ୍କୁ ନୂତନ ଦଳର ମୁଖିଆ ଫୁଲମାଳ ଦେଇ ସ୍ୱାଗତ କରିବା। ତେଣୁ ଏହି ସୁଗ୍ରୀବମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବଢ଼ିଚାଲିଛି। ଏପରି ସ୍ଥିତି ସୃଷ୍ଟି ହୋଇଥିଲା ଯେ ନାମାଙ୍କନ ପତ୍ର ନ ଭରିବା ପର୍ଯ୍ୟନ୍ତ କିଏ କେଉଁ ଦଳର ପ୍ରାର୍ଥୀ ଜାଣିବା ମୁସ୍କିଲ।

ସେହିପରି ଏ ନିର୍ବାଚନରେ ନେତାମାନେ ଉତ୍ତରାଧିକାରୀ ଚୟନ ପୂର୍ବକ ନିଜର ପୁତ୍ର, କନ୍ୟା ଓ ସ୍ତ୍ରୀଙ୍କୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛନ୍ତି। ଏହା ନେତାଙ୍କର ନିଜ ପରବର୍ତ୍ତୀ ପିଢ଼ି ପାଇଁ ଥଇଥାନର ଏକ ଯୋଜନା ପରି ଦୃଷ୍ଟିଗୋଚର ହୁଏ। ଆହୁରି ମଧ୍ୟ ଏହା ମାଧ୍ୟମରେ ଅଘୋଷିତ ଭାବରେ 'ଡବଲ୍ ପେନସନ୍ ଯୋଜନା' କାର୍ଯ୍ୟକାରୀ ହୋଇଯାଇଥାଏ। ନେତାମାନେ ନିଜର ପେନସନ ଗଣ୍ଡାକ ସୁରକ୍ଷିତ କରିସାରିଲା ପରେ ନିଜର ଭବିଷ୍ୟତ ପିଢ଼ିଙ୍କ ପେନସନ୍ ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି। ପୁଣି ଏହା ଦ୍ୱାରା ଆମ ନେତାମାନେ ତାଙ୍କର ବ୍ୟାବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ପାଇଁ ପନ୍ଥାଟିଏ ପାଇଯାଆନ୍ତି।

ସେହିପରି ଏହି ନିର୍ବାଚନରେ କୋଟିପତି ନେତାଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ଚିନ୍ତାଜନକ ଅଟେ। ଏହା ଗଣତନ୍ତ୍ର ପାଇଁ ବିପଦ ଜନକ ଅଟେ। କାରଣ ଏହା ଦ୍ୱାରା ପ୍ରତିଭାବାନ, ଗୁଣୀ, ଜ୍ଞାନୀ, ସେବା ମନୋବୃତ୍ତି ଥିବା ବ୍ୟକ୍ତି ଓ ଗରିବ ଜନସାଧାରଣ ନିର୍ବାଚନରେ ଭାଗନେବା ପାଇଁ ସାହସ ମଧ୍ୟ କରିପାରିବେ ନାହିଁ। ଏଥର ଦାଗୀ ଓ ଅପରାଧୀଙ୍କ ପୃଷ୍ଠଭୂମି ଥିବା ନେତାଙ୍କ ସଂଖ୍ୟା ତ ହୁ ହୁ ହୋଇ ବଢ଼ିଚାଲିଛି। ଏମାନେ ଯେ ନିର୍ବାଚନକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ଏହାର କୁପ୍ରଭାବ ଯେ ନିର୍ବାଚନ ଉପରେ ପଡ୍ଛି ଏଥିରେ ସନ୍ଦେହ ନାହିଁ। ଫଳରେ ଦିନକୁ ଦିନ ନିର୍ବାଚନ ହିଂସା ବଢ଼ିବାରେ ଲାଗିଛି ଏବଂ ଥମିବାର ନାଁ ଧରୁନାହିଁ। ଧନବଳ, ଜନବଳ ଓ ବାହୁବଳର ପ୍ରଭାବରେ ଆଜି ଗଣତନ୍ତ୍ର ବିପର୍ଯ୍ୟସ୍ତ। ଫଳରେ ସ୍ୱାଧୀନ ଓ ନିର୍ଭୀକ ଭାବରେ ଭୋଟଦେବା କଥା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଲିକୋଟ୍, ଆଠଗଡ଼, ଆଠମଲ୍ଲିକ, ବ୍ରହ୍ମଗିରି ଓ ବରଗଡ଼ ପ୍ରଭୃତିରେ ଘଟିଥିବା ନିର୍ବାଚନ ହିଂସାକୁ ଦେଖିଲେ ଯେକୌଣସି ଭୋଟର ଆତଙ୍କିତ ହେବା ସ୍ୱଭାବିକ। ପୁଣି ପ୍ରଚାରରେ ଅଶାଳୀନତା ମଧ୍ୟ ଲକ୍ଷ୍ମଣରେଖା ପାର କରିସାରିଛି। ବ୍ୟକ୍ତି ଓ ଚରିତ୍ର ସଂହାର କରିବା ପାଇଁ କୌଣସି ଦଳ ଦ୍ୱିଧାବୋଧ କରୁନାହାନ୍ତି। ବିଷାକ୍ତ ହେଉଛି ନିର୍ବାଚନ ବାତାବରଣ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
**ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ**
**ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ**

# ଜଳବାୟୁ ପରିବର୍ତ୍ତନର ଶିକାର ଦେବଭୂମି ହିମାଳୟ

**ଡଃ ରୀନା ରାଉତରାୟ**

ହିମାଳୟ (ହିମ+ଆଳୟ) ପାଦଦେଶ ଋଷିକେଶରୁ ଉତ୍ତୁଙ୍ଗ ବଦ୍ରିନାଥ ପର୍ଯ୍ୟନ୍ତ ଯାତ୍ରା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେତିକି ମହତ୍ୱପୂର୍ଣ୍ଣ, ପ୍ରକୃତି ଓ ପ୍ରାକୃତିକ ପରିବେଶ ପ୍ରେମୀମାନଙ୍କ ପାଇଁ ତାହା ଏକ ସମତୁଲ୍ୟ ଅବର୍ଣ୍ଣନୀୟ ଅନୁଭୂତି।

ଅନ୍ତଃଚେତନାର ଅନ୍ୱେଷଣ ସହ ପ୍ରକୃତିର ସେହି ନୈସର୍ଗିକ ଶୋଭାରେ ବିଭୋର ହେବାର ଆଶା ନେଇ ମେ ମାସ ଶେଷ ଆଡ଼କୁ ଆରମ୍ଭ ହୋଇଥଲା ଆମର ହିମାଳୟ ଯାତ୍ରା। ସ୍ୱାମୀ ଅଜୟ ଓ ଆମର ଆଉ ଦୁଇଜଣ ବନ୍ଧୁ ସପରିବାର ଋଷିକେଶରୁ ଦୁଇଟି ଗାଡ଼ି ଧରି ଯାତ୍ରା ଆରମ୍ଭ କରିଥିଲୁ।

ଋଷିକେଶରୁ ଉତ୍ତରକାଶୀ ଓ ଗଙ୍ଗୋତ୍ରୀ ଦର୍ଶନ କରି ରୁଦ୍ରପ୍ରୟାଗ ହୋଇ ବଦ୍ରିନାଥ ଯିବାର ସ୍ଥିର ହୋଇଥଲା। ପବିତ୍ର ଗଙ୍ଗାନଦୀ କୂଳରେ ଅବସ୍ଥିତ ବିଶ୍ୱର ଯୋଗକେନ୍ଦ୍ର ଋଷିକେଶ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପବିତ୍ର ଶାନ୍ତ ସ୍ନିଗ୍ଧ ଶୀତଳ ଜଳବାୟୁ ସମ୍ପନ୍ନ ସ୍ଥାନ ବୋଲି ସମସ୍ତେ ଜାଣିଛୁ। ସମୁଦ୍ର ପତନ ଠାରୁ ପ୍ରାୟ ୧୨୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ସହରକୁ ଆଗରୁ ଦୁଇ ତିନି ଥର ଯାଇଛି। ଡିସେମ୍ବରର କଠିନ ଶୀତକୁ ଛାଡ଼ିଦେଲେ ବର୍ଷସାରା ସେଠାରେ ଖୁବ୍ ଆରାମଦାୟକ ଜଳବାୟୁ ଥାଏ।

କିନ୍ତୁ ଏଥର ଋଷିକେଶ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା। ଭାବିଲୁ ଉପରକୁ ଗଲେ ହୁଏ ତ ଥଣ୍ଡା ଲାଗିବ। ସକାଳୁ ବାହାରି ପ୍ରାୟ ୧୫୦ କିମି ଦୂର ଏବଂ ପ୍ରାୟ ୪୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ପବିତ୍ର ସ୍ଥଳୀ ଉତ୍ତରକାଶୀ ଅଭିମୁଖେ ଯାତ୍ରା କଲୁ। ହେଲେ ବାଟସାରା ପାହାଡ଼ିଆ ଘାଟି ରାସ୍ତା ସାଙ୍ଗକୁ ଅସହ୍ୟ ଗରମ। ମାତ୍ର ୧୫୦ କିମି, କିନ୍ତୁ ତୀଖ ଘାଟି ଓ ବୁଲାଣି ରାସ୍ତାରେ ଖୁବ୍ ଧୀରେ ଧୀରେ ଗାଡ଼ି ଚାଲୁଥାଏ, ଏଣେ ଏସି ଚଲେଇଲେ ଗାଡ଼ି ଉଠି ପାରିବନି। ତେଣୁ ସେହି ଭୟଙ୍କର ଗରମରେ ଆଉଟି ପାଉଟି ହୋଇ ସନ୍ଧ୍ୟାରେ ଉତ୍ତରକାଶୀରେ ପହଞ୍ଚିଲୁ। ଶୁଣିଥିଲି ସେଠି କୁଆଡ଼େ ବର୍ଷ ସାରା ଥଣ୍ଡା ରୁହେ। କିନ୍ତୁ ସେଠି ମଧ୍ୟ ସେହି ପରିସ୍ଥିତି। ଗରମ ବହୁତ ହେଉଥାଏ। ତା ପରଦିନ ଗଙ୍ଗୋତ୍ରୀ ଯିବାର କାର୍ଯକ୍ରମ ଥାଏ। ରହୁଥିବା ହୋଟେଲରୁ ଜାଣିବାକୁ ପାଇଲୁ ପ୍ରବଳ ଭିଡ଼ ଯୋଗୁ ଗତକାଲି ରାତିରୁ ସେଠୁ ମାତ୍ର ୯୦ କିମି ଦୂରରେ ଥିବା ଗଙ୍ଗୋତ୍ରୀକୁ ଯାଇଥିବା ଯାତ୍ରୀ ମାନେ ବାଟରେ ଅଟକି ରହିଛନ୍ତି, ଏ ପର୍ଯ୍ୟନ୍ତ ଫେରି ନାହାନ୍ତି। ଅଗତ୍ୟା ଗଙ୍ଗୋତ୍ରୀ ଯିବା ବାତିଲ କରି ଉତ୍ତରକାଶୀରେ ଥିବା ପ୍ରସିଦ୍ଧ କାଶୀ ବିଶ୍ୱନାଥଙ୍କ ମନ୍ଦିର ଦର୍ଶନ କରି ଗୋମୁଖ-ଗଙ୍ଗୋତ୍ରୀରୁ ବୋହି ଆସୁଥିବା ପତିତପାବିନୀ ଭାଗିରଥୀ ନଦୀ କୂଳରେ ବସି, ହନୁମାନ ମନ୍ଦିର, ମଣିକର୍ଣ୍ଣିକା ଘାଟ ବୁଲି ହୋଟେଲକୁ ଫେରିଲୁ।

ଅତ୍ୟଧିକ ଗରମ ଯୋଗୁ ତା ପର ଦିନ ବଡି ଭୋରରୁ ରୁଦ୍ର ପ୍ରୟାଗ ଯିବାକୁ ବାହାରିପଡ଼ିଲୁ। ସକାଳ ଘଣ୍ଟେ ଦୁଇ ଘଣ୍ଟା ପରେ ପୁଣି ସେହି ଝାଞ୍ଜି ଗରମରେ ଘାଣ୍ଟି ହୋଇ ବିଳମ୍ବିତ ଅପରାହ୍ନରେ ରୁଦ୍ର ପ୍ରୟାଗରେ ପହଞ୍ଚିଲୁ। ଦିନକୁ ପ୍ରାୟ ୧୫୦ କିମି ଅତିକ୍ରମ କଲା ପରେ ଆମେ ସେଠି ରହି ତା ପରଦିନ ଅନ୍ୟ ଏକ ଗନ୍ତବ୍ୟ ସ୍ଥଳକୁ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥାଏ। ରୁଦ୍ର ପ୍ରୟାଗରେ ସନ୍ଧ୍ୟାରେ ପହଞ୍ଚି ଦେଖିଲୁ ସେହି ସମାନ ଅବସ୍ଥା। ଅସହ୍ୟ ଗରମକୁ ଆଟାଚିରେ ଶୀତ ବସ୍ତ୍ରର ଓଜନ; ଆମ ସମସ୍ତଙ୍କ ମୁଡର ଅବସ୍ଥା ସହଜରେ ଅନୁମେୟ।

ତଥାପି ଧୈର୍ଯ୍ୟହରା ନ ହୋଇ ବଦ୍ରିନାଥରେ ଥଣ୍ଡା ପବନ ଟିକେ ମିଳିବ ବୋଲି ଭାବି ତା ପର ଦିନ ସକାଳୁ ବାହାରିଲୁ। ଯୋଶୀମଠ ହୋଇ ବଦ୍ରିନାଥ ପହଞ୍ଚିଲା ବେଳକୁ ଅପରାହ୍ନ ୪ଟା। ବାଟରେ କିଛି ନ ଖାଇ ଚାଲି ଆସିଥିଲୁ ଜଲଦି ପହଞ୍ଚି ଥଣ୍ଡା ଟିକେ ମିଳିବ।

ସମସ୍ତଙ୍କର ମୁଣ୍ଡ ଟିକେ ଟିକେ ବିନ୍ଧୁଥିଲା। ଖାଇଦେଲେ ଭଲ ଲାଗିବ ବୋଲି ହୋଟେଲରେ ପହଞ୍ଚି ରୁଟି ଓ ତରକାରୀ ଖାଇଦେଲୁ। ଟିକେ ଥଣ୍ଡା ମଧ୍ୟ ଲାଗୁଥାଏ। ରୁମକୁ ଯାଇ କିଛି ସମୟ ବିଶ୍ରାମ ନେଇ ବଦ୍ରୀନାଥ ମହାପ୍ରଭୁଙ୍କ ଦର୍ଶନ କରିବୁ। ଟିକେ ଆଖି ବନ୍ଦ କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ମୁଣ୍ଡ ଆହୁରି ଜୋରରେ ବିନ୍ଧିବାକୁ ଲାଗିଲା। ବେକ ପାଖରୁ ଅସହ୍ୟ ବିନ୍ଧା ଦେଖି ମନେ ପଡ଼ିଗଲା ବ୍ୟାଗରେ ଅକ୍ସି ମିଟର ଅଛି। ଗତ ବର୍ଷ ବଦ୍ରୀନାଥ ଆସିଥିଲା ବେଳେ ମୋର ମୁଣ୍ଡ ବହୁତ ଜୋରରେ ବିନ୍ଧି ପ୍ରବଳ ବାନ୍ତି ହୋଇଥଲା, କାଳେ ଅକ୍ସିଜେନ୍ କମ୍ ହୋଇ ଯାଇଥିବ ବୋଲି ଅନୁମାନ କରି ବୋଲି ଦର୍ଶନ ସାରି ଭୋରରୁ ପଳେଇ ଆସିଥିଲୁ। ତେଣୁ ଏଥର ଅକ୍ସିମିଟର ସାଙ୍ଗରେ ଧରି ଥିଲି। ଦେଖିଲି ଅକ୍ସିଜେନ୍ ୬୫ ଅଛି। ଗଲା ବେଳେ ଡାକ୍ତରଙ୍କୁ ପଚାରି ବୁଝିଥିଲି ଯଦି ଅକ୍ସିଜେନ୍ କମିଯାଏ ତୁରନ୍ତ କଣ କରିହେବ। ତାଙ୍କ ପରାମର୍ଶ ଅନୁସାରେ ଆଳତୀ କର୍ପୂରକୁ ଟିକେ ଶୁଙ୍ଘିଲି। କିନ୍ତୁ କିଛି ଲାଭ ନ ମିଳିବାରୁ ଆସ୍ଥାଲିନ ସ୍ପ୍ରେ ( ଆଜମା ନ ଥିଲେ ବି) ଦୁଇଟା ପଫ ପାଟିରେ ନେଲି ଏବଂ ପ୍ରୁନିଙ୍ଗ (କରୋନା ସମୟରେ ଯେମିତି ଛାତି ତଳେ ତକିଆ ଦେଇ ପେଟେଇ ଶୁଆଯାଏ) ପୋଜିସନରେ କିଛି ସମୟ ଶୋଇଲା ପରେ ଭଲ ଲାଗିଲା। ଅଧଘଣ୍ଟା ପରେ ଦେଖିଲି ଅକ୍ସିଜେନ୍ ପରିମାଣ ବୃଦ୍ଧି ପାଇ ୮୫ରେ ପହଞ୍ଚିଲା। ସମସ୍ତେ ବାହାରିଲେ ମନ୍ଦିର ଦର୍ଶନ କରିବାକୁ। ଆମର ସହଯାତ୍ରୀ ରମାବାବୁଙ୍କ ପତ୍ନୀ ମାମି ମୋତେ ଆସି କହିଲେ ଆଉ ଟିକେ ପରେ ଯିବା। ରମା ବାବୁଙ୍କ ମୁଣ୍ଡ ବହୁତ ଜୋରରେ ବିନ୍ଧୁଛି। ସେ ଶୋଇଛନ୍ତି। ମୁଁ ବୁଝିଗଲି। ତୁରନ୍ତ ତାଙ୍କର ଅକ୍ସିଜେନ୍ ମାପିଲା ବେଳକୁ ତାଙ୍କର ମଧ୍ୟ ୬୬। ସେଇ ସମାନ ପ୍ରୋସେସରେ ତାଙ୍କୁ ଆସ୍ଥାଲିନ୍ ଦେଇ ପ୍ରୁନିଙ୍ଗରେ ଶୋଇଲା କିଛି ସମୟ ପରେ ତାଙ୍କୁ ମଧ୍ୟ ଭଲ ଲାଗିଲା। ଇତି ମଧ୍ୟରେ ସମସ୍ତଙ୍କର ଅକ୍ସିଜେନ୍ ଲେଵେଲ୍ ମପା ଗଲା। ଦୁଇ ଜଣଙ୍କୁ ଛାଡ଼ି(ମାମି ଓ ମାମା)ବାକି ସମସ୍ତଙ୍କର କମି ୮୨/୮୫ ଥାଏ। ଅଜୟ ଓ ମଣ୍ଟୁ ବାବୁଙ୍କର ମଧ୍ୟ ୮୦/୮୪ ରହୁଥାଏ।

ଦର୍ଶନ ପାଇଁ ପ୍ରାୟ ଦୁଇ କିମି ପର୍ଯ୍ୟନ୍ତ ଧାଡ଼ି ଲମ୍ବି ଥାଏ। ସନ୍ଧ୍ୟା ୬.୩୦ରୁ ଦର୍ଶନ ସାରି ଫେରିଲା ବେଳକୁ ରାତି ୧୦ ଟା। ଅସମ୍ଭବ ଭିଡ଼। କିନ୍ତୁ ବେଶୀ ଗରମ ନ ଥାଏ ବୋଲି କୌଣସି ପ୍ରକାରେ ଧାଡ଼ିରେ ଠିଆ ହୋଇ ଦର୍ଶନ କରି ଫେରିଲୁ। ହୋଟେଲରେ ପହଞ୍ଚି ରାତ୍ରି ଭୋଜନ ପାଇଁ ଯିବାକୁ ବାହାରୁଛୁ, ପୁଣି ମାମି ଆସି ଡାକିଲେ, ରୀନା ଆଉ ଥରେ ଟିକେ ରମା ବାବୁଙ୍କର୍ ଅକ୍ସିଜେନ୍ ଦେଖିଲ, ସେ ପୁଣି କାହିଁକି ମୁହଁ ମାଡ଼ି ଶୋଇଛନ୍ତି। ଆମେ ସମସ୍ତେ ବ୍ୟସ୍ତ ହୋଇ ଯାଇ ଦେଖିଲୁ ତାଙ୍କର ପୁଣି ୬୧ ହୋଇ ଯାଇଛି। ବଡ଼ ବ୍ୟସ୍ତ ଲାଗିଲା। ହୋଟେଲ କାଉଣ୍ଟରରେ ବୁଝିଲୁ ଯଦି ଏମିତି ଅକ୍ସିଜେନ୍ କମିକି ରୁହେ ଆପଣଙ୍କ ହୋଟେଲରେ କଣ ବ୍ୟବସ୍ଥା ଅଛି ? ସେମାନେ କହିଲେ ଆପଣ ତୁରନ୍ତ ତାଙ୍କୁ ହସ୍ପିଟାଲ ନେଇ ଯାଆନ୍ତୁ। ହୋଟେଲର ଜଣେ ଲୋକ ସହିତ ଅଜୟ ଓ ମୁଁ ରମାବାବୁଙ୍କୁ ପାଖରେ ଥିବା ବିବେକାନନ୍ଦ ହସ୍ପିଟାଲକୁ ନେଇ କି ଗଲୁ। ରାସ୍ତାରେ ହୋଟେଲ ପିଲାଟି କହି ଚାଲିଥାଏ ବୁଝିଲେ ଆଜ୍ଞା, ଏହି ଅଞ୍ଚଳରେ ବଡ଼ ଗଛ ବା ଜଙ୍ଗଲ ଇତ୍ୟାଦି କିଛି ନାହିଁ। ଚାରିଆଡ଼େ ଖାଲି ଲଣ୍ଡା ପାହାଡ଼। ଏତେ ଯାତ୍ରୀ ଆସୁଛନ୍ତି। ଅକ୍ସିଜେନ୍ କୁଆଡୁ ଆସିବ ?

ରାତି ୧୦.୩୦ରେ ହସ୍ପିଟାଲରେ ପହଞ୍ଚି ଦେଖିଲୁ ଦୁଇ ଜଣ ଯୁବ ଡାକ୍ତର ଡିଉଟିରେ ଥାଆନ୍ତି। ହାଫ୍ ପ୍ୟାଣ୍ଟ ପିନ୍ଧି ଆହୁରି ଛୋଟ ପିଲାଙ୍କ ପରି ଦିଶୁଥାନ୍ତି। କିନ୍ତୁ ଖୁବ୍ କର୍ମଚଞ୍ଚଳ ଓ ଦାୟିତ୍ୱବାନ ପିଲା। ସାଙ୍ଗେ ସାଙ୍ଗେ ରମା ବାବୁଙ୍କୁ ଅକ୍ସିଜେନ୍ ଲଗାଇ ଦେଲେ। ଆମ ଦୁଇ ଜଣଙ୍କ ଅକ୍ସିଜେନ୍ ମାପିଲେ। ଡାକ୍ତର କହିଲେ ଆପଣଙ୍କର ମଧ୍ୟ ଅକ୍ସିଜେନ୍ କମ୍ ରହୁଛି। ଆମ ଦୁହିଁଙ୍କୁ କିଛି ବଟିକା ଓ ଉଷୁମ ପାଣି ପିଇବାକୁ ଦେଲେ। ଅଧଘଣ୍ଟା ଅକ୍ସିଜେନ୍ ନେଲା ପରେ ରମା ବାବୁଙ୍କୁ ଅକ୍ସିଜେନ୍ ଲେଵେଲ ୯୭ ହେଲା।

ସେହି ଯୁବ ଡାକ୍ତରଙ୍କ ପାଖରୁ ଏକ ନୂତନ ତଥ୍ୟ ଜାଣିଲୁ। ବଦ୍ରୀନାଥରେ ରାତି ଗୋଟାଏରୁ ପାଞ୍ଚଟା ଭିତରେ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରାରେ ତୀବ୍ର ହ୍ରାସ ଘଟିଥାଏ। ମଧ୍ୟରାତ୍ରିରେ ବହୁତ ଥଣ୍ଡା ପଡ଼ିଥାଏ ଓ ସେହି ଥଣ୍ଡାରେ ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଜଳ ବା ବରଫ କଣିକାରେ ପରିଣତ ହେବା ପାଇଁ ବାୟୁମଣ୍ଡଳରୁ ଅମ୍ଳଜାନ ନେବା ଆରମ୍ଭ ହୋଇଯାଏ। ତେଣୁ ସେହି ସମୟରେ ରକ୍ତରେ ଅକ୍ସିଜେନ ମାତ୍ରା ଆହୁରି କମିଯିବ। ଯାହା ଜୀବନକୁ ବିପଦ। ହସ୍ପିଟାଲରେ ମାତ୍ର ଚାରୋଟି ଅକ୍ସିଜେନ୍ ସିଲିଣ୍ଡର ଅଛି। ଅତି ବେଶୀରେ ଜଣେ ରୋଗୀକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅକ୍ସିଜେନ୍ ସପୋର୍ଟ ଦେଇ ପାରିବେ ସେମାନେ। ରାତି ସାରା ଏମିତି ସିରିୟସ ଅବସ୍ଥାରେ ଯାତ୍ରୀ ଆସନ୍ତି। ତେଣୁ ଆପଣ ମାନେ ତୁରନ୍ତ ତଳକୁ ଚାଲି ଯାଆନ୍ତୁ। ପଚାରିଲୁ ତଳେ କଣ ଆଉ କିଛି ବଡ଼ ହସ୍ପିଟାଲ ଅଛି କି ? ସେମାନେ କହିଲେ ନାଇଁ ଆଜ୍ଞା, ଏଠୁ ଯୋଶୀ ମଠକୁ (୫୦ କିମି ତଳକୁ) ପଳାଇ ଯାଆନ୍ତୁ। ଆପେ ଆପେ ଠିକ୍ ହୋଇ ଯିବେ। ବ୍ଲଡ଼ ପ୍ରେସର ଯଦି ଥିବ ତାହା ଆପଣଙ୍କୁ ଆହୁରି ଘାତକ ହୋଇ ପାରେ। ଆମ ଦୁଇ ଜଣଙ୍କର ବ୍ଲଡ଼ ପ୍ରେସର ନାହିଁ କିନ୍ତୁ ରମାବାବୁ ଓ ମଣ୍ଟୁବାବୁଙ୍କର ବ୍ଲଡ଼ ପ୍ରେସର ଅଛି।

ତେଣୁ ଆଉ କୌଣସି ଦ୍ୱିମତ ନ ହୋଇ ପରଦିନ ମାନା ଗାଆଁ, ବ୍ୟାସଗୁମ୍ଫା, ଗଣେଶଗୁମ୍ଫା ଓ ହିମକୁଣ୍ଡ ଦେଖିବାର କାର୍ଯ୍ୟକ୍ରମକୁ ବନ୍ଦ କରି ସେଇ ରାତିରେ ଯୋଶୀ ମଠକ ଓହ୍ଲେଇଯିବାର ନିଷ୍ପତ୍ତି ନେଲୁ।

ଆମର ଦୁଇ ଜଣ ଡ୍ରାଇଭର ଦିନସାରା ଘାଟି ରାସ୍ତାରେ ଗାଡ଼ି ଚଳାଇ କ୍ଲାନ୍ତ ହୋଇ ଯାଇଥିଲେ। ତା ଛଡ଼ା ସେହି ଉଚ୍ଚଘାଟିରେ ରାତିରେ ଗାଡ଼ି ଚଳାଚଳ ବନ୍ଦ ରହେ। ହୋଟେଲ ମ୍ୟାନେଜର ଜଣେ ଭଦ୍ରବ୍ୟକ୍ତି, ସ୍ଥାନୀୟ ଗାଡ଼ି ମଗାଇ ଯୋଶୀ ମଠରେ ହୋଟେଲ ବ୍ୟବସ୍ଥା କରିଦେଲେ। ରାତି ଦୁଇଟାରେ ଯୋଶୀ ମଠ ପହଞ୍ଚିଲା ପରେ ସମସ୍ତେ ସୁସ୍ଥ ଅନୁଭବ କଲେ।

ମହାପ୍ରଭୁ ବଦ୍ରୀନାଥଙ୍କ ପବିତ୍ର ଦର୍ଶନ କରିଥିଲୁ ବୋଲି ସବୁ ସୁରୁଖୁରୁରେ ହୋଇଗଲା। ପରଦିନ ସକାଳେ ଶ୍ରୀନଗରରେ ଆସି ରହିଲୁ। ତା ପରଦିନ ଋଷିକେଶ ଫେରି ତ୍ରିବେଣୀ ଘାଟରେ ସନ୍ଧ୍ୟା ଆଳତୀ ଦେଖି, ପରଦିନ ସକାଳୁ ଭୁବନେଶ୍ୱର ଫେରିଆସିଲୁ।

ମର୍ତ୍ତ୍ୟ ବୈକୁଣ୍ଠପୁର ବଦ୍ରୀନାଥକୁ ସାରା ବିଶ୍ୱରୁ ଭକ୍ତ ଆସନ୍ତି। ମାତ୍ର ଉଦବେଗର ବିଷୟ ଏହିକି ଏଠାରେ ଅକ୍ସିଜେନ୍ ଅଭାବ ଜନିତ ସମସ୍ୟା, ରାତି ଗୋଟାଏ ପରେ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରାରେ ଅସ୍ୱାଭାବିକ ହ୍ରାସ, ଏ ସବୁ ସମ୍ବନ୍ଧରେ ନା ଅଛି କୌଣସି ଯାତ୍ରା ସତର୍କତା ନା ଜନସଚେତନତା ନା ଯାତ୍ରୀଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା।

ହିମାଳୟ ଶୃଙ୍ଗରେ ଅବସ୍ଥିତ ପର୍ଯ୍ୟଟନ ସ୍ଥଳୀ ଲଦାଖରେ ପ୍ରତି ହୋଟେଲରେ ପର୍ଯ୍ୟଟକ ମାନଙ୍କ ପାଇଁ ଅକ୍ସିଜେନ୍ ସିଲିଣ୍ଡର, ବଟିକା ଇତ୍ୟାଦିର ବ୍ୟବସ୍ଥା ସାଙ୍ଗକୁ ସଚେତନାମୂଳକ ପଦକ୍ଷେପ ନିଆଯାଏ। ଅକ୍ସିଜେନ୍ ଅଭାବ ପାଇଁ ଖାଦ୍ୟ ପାନୀୟ ଠାରୁ ଆରମ୍ଭ କରି ସବୁକିଛିରେ ସାବଧାନ ମୂଳକ ସତର୍କ ବାର୍ତ୍ତା ଲେଖାଯାଇଥାଏ ଓ ଆଶୁ ପଦକ୍ଷେପମାନ ନିଆଯାଏ। ମାତ୍ର କୋଟି କୋଟି ଭାରତୀୟଙ୍କ ଆଧ୍ୟାତ୍ମିକ ଆବେଗ ସହ ଜଡିତ ଦେବଭୂମି ବଦ୍ରୀନାଥରେ ଏସବୁର ସମ୍ପୂର୍ଣ୍ଣ ଅଭାବ ଦେଖି ଉଭୟ ଆଶ୍ଚର୍ଯ୍ୟ ଓ ନିରାଶ ଲାଗିଲା। ସ୍ଥାନୀୟ ପ୍ରଶାସନ ଓ ପର୍ଯ୍ୟଟନ ଶିଳ୍ପ ଉଭୟଙ୍କର ନୈତିକ ଓ ପ୍ରଶାସନିକ ଉତ୍ତରଦାୟିତ୍ୱ ରହିଛି ଏ ଦିଗରେ ପର୍ଯ୍ୟାପ୍ତ ପଦକ୍ଷେପ ନେବାପାଇଁ।

ତା ସହିତ ତ୍ୱରାଭାବେ ଅବକ୍ଷୟମୁଖୀ ଜଳବାୟୁ ପରିବର୍ତ୍ତନର ଧାରାକୁ ରୋକିବା ପାଇଁ ତୁରନ୍ତ ଯୁଦ୍ଧଭିତ୍ତିକ ପଦକ୍ଷେପମାନ ଏବେଠାରୁ ଗ୍ରହଣ ନ କଲେ ଖୁବ୍ ଶୀଘ୍ର କେବଳ ଦେବଭୂମି ହିମାଳୟ କାହିଁକି, ଭାରତର ସମସ୍ତ ଶୈଳନିବାସ ମାନଙ୍କରେ ଅସହ୍ୟ ଗରମ ଯୋଗୁ ଗ୍ରୀଷ୍ମକାଳୀନ ପର୍ଯ୍ୟଟନ ସମ୍ପୂର୍ଣ୍ଣ ବ୍ୟାହତ ହେବା ସହିତ ସେଠିକାର ଅଧିବାସୀମାନଙ୍କ ଜୀବନ ଓ ଜୀବିକା ଦାରୁଣ ଭାବେ ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ।

ଭାଗ-୧ । ସଂଖ୍ୟା-୩୦ । ଭୁବନେଶ୍ୱର । ୧୦ ରୁ ୧୬ ଜୁନ ୨୦୨୪
Vol-1 | Issue-30 | Bhubaneswar | 10 to 16 June 2024

# ମୋଦି ୩.୦ ସରକାରରେ ୩୦ କ୍ୟାବିନେଟ ମନ୍ତ୍ରୀ



ନୂଆଦିଲ୍ଲୀ: ଦେଶରେ ଆରମ୍ଭ ହୋଇଛି ମୋଦି ୩.୦ ସରକାର। ଆଜି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୋଦି ଶପଥ ନେବା ପରେ ତାଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଗଠନ କରିଛନ୍ତି।

୨୦୧୪ରେ ମୋଦିଙ୍କ ୧୮ ଜଣ ଓ ୨୦୧୯ରେ ମୋଦିଙ୍କ ସହ ୨୫ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ଏଥର ରେକର୍ଡ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସେହିପରି ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଓ ୩୪ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ୨୭ ଜଣ ଓବିସି, ୧୦ ଜଣ ଏସସି, ୫ ଜଣ ଏସ୍ ?ଟି ଓ ୫ ଜଣ ସଂଖ୍ୟାଲଘୁ ସଂପ୍ରଦାୟର ସଦସ୍ୟ ରହିଛନ୍ତି।

୩୦ ଜଣଙ୍କ ମଧ୍ୟରେ ଓଡ଼ିଶାର ୩ ଜଣ ରହିଛନ୍ତି। ଓଡ଼ିଶାର ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନୀ ବୈଷ୍ଣବ ପୁଣିଥରେ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିବେ।

ଏପରି ଢଙ୍ଗରେ ପ୍ରଧାନମନ୍ତ୍ରୀ ପଦର ଶପଥ ନେଇ ଇତିହାସ ରହିଛନ୍ତି ମୋଦି। ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁଙ୍କ ସମକକ୍ଷ ହୋଇଛନ୍ତି। ନେହରୁଙ୍କ ଭଳି ମୋଦି ମଧ୍ୟ କ୍ରମାଗତ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇ ହେବାର ଗୌରବ ପାଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୋଦି ହିନ୍ଦୀ ଭାଷାରେ ହିଁ ଶପଥ ଗ୍ରହଣ କରିଛନ୍ତି। ଶପଥ ପାଠ ପରେ ଦେଶରେ ମୋଦି ୩.୦ ସରକାର ଆରମ୍ଭ ହୋଇ ଯାଇଛି। ମୋଦିଙ୍କ ସହ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ, ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଓ ୩୪ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ମଧ୍ୟ ଶପଥ ନେଇଛନ୍ତି।

୨୦୧୪ରେ ମୋଦିଙ୍କ ୧୮ ଜଣ ଓ ୨୦୧୯ରେ ମୋଦିଙ୍କ ସହ ୨୫ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ଏଥର ରେକର୍ଡ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ମୋଟ ୭୧ ଜଣ ମନ୍ତ୍ରୀଙ୍କ ମଧ୍ୟରେ ୨୭ ଜଣ ଓବିସି, ୧୦ ଜଣ ଏସସି, ୫ ଜଣ ଏସ୍ଟି ଓ ୫ ଜଣ ସଂଖ୍ୟାଲଘୁ ସଂପ୍ରଦାୟର ସଦସ୍ୟ ରହିଛନ୍ତି। ସେହିପରି ବିଜେପି ନିଜ ପାଖରେ ୬୦ଟି ମନ୍ତ୍ରୀ ପଦ ରଖିଥିବା ବେଳେ ସହଯୋଗୀମାନଙ୍କୁ କେବଳ ୧୧ଟି ଆସନ ଦେଇଛି। ସେହିପରି ୨୪ଟି ରାଜ୍ୟର ପ୍ରତିନିଧିଙ୍କୁ ମୋଦି ୩.୦ ସରକାରରେ ସାମିଲ କରାଯାଇଛି।

୨୦୧୪ ଓ ୨୦୧୯ରେ ମଧ୍ୟ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ୨୦୧୪ ଓ ୨୦୧୯ ଭଳି ସ୍ଥିତି ଏଥର ନାହିଁ। କାରଣ ୨୦୧୪ ଓ ୨୦୧୯ରେ ବିଜେପି ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ହାସଲ କରିଥିଲା। କିନ୍ତୁ ଦଳ ଏଥର ୨୪୦ଟି ଆସନ ଜିତିଛି। ତେଣୁ ସହଯୋଗୀ ଦଳଗୁଡ଼ିକ ସହାୟତାରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବିଜେପି ଓ ତା'ର ସହଯୋଗୀ ଦଳ ମିଳିତ ଭାବେ ୨୯୨ଟି ଆସନ ଜିତିଛନ୍ତି। ଶପଥ ପାଠ ପାଇଁ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ଠିକ୍ ୭ଟାରେ ରାଷ୍ଟ୍ରପତି ଭବନ ଅଭିମୁଖେ ବାହାରିଥିଲେ ମୋଦି। ୭.୧୩ରେ ସେ ଶପଥ ପାଠ ସ୍ଥଳରେ ପହଞ୍ଚିଥିଲେ। ୭.୨୨ ମିନିଟରେ ଶପଥ ସମାରୋହ ଆରମ୍ଭ ହୋଇଥିଲା।

ମୋଦି ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ଶପଥ ଗ୍ରହଣ କରିଛନ୍ତି। ଲାଇଟ ବ୍ଲ୍ୟୁ ରଙ୍ଗର ଜ୍ୟାକେଟ୍ ? ଓ ଧଳା କୁର୍ତ୍ତାରେ ଥିବା ମୋଦି ସମ୍ବିଧାନର ନିୟମ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଈଶ୍ୱରଙ୍କ ନାଁରେ ଶପଥ ଗ୍ରହଣ କରିଛନ୍ତି। ଶପଥ ପାଠ ପୂର୍ବରୁ ପ୍ରଥମେ ମୋଦି ପରେ ଉପ ରାଷ୍ଟ୍ରପତି ଜଗଦୀପ ଧନକର ପହଞ୍ଚିଥିଲେ। ଶେଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପହଞ୍ଚି ଶପଥ ପାଠ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ମୋଦି ପ୍ରଧାନମନ୍ତ୍ରୀ ପ୍ରଥମେ ଶପଥ ନେବା ପରେ କ୍ୟାବିନେଟରେ ସାମିଲ ହେବାକୁ ଥିବା ସାଂସଦମାନେ ମଧ୍ୟ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ। ଏହାପରେ କ୍ୟାବିନେଟ ମନ୍ତ୍ରୀ ଭାବେ ୧- ରାଜନାଥ ସିଂହ(ବିଜେପି), ୨- ଅମିତ ଶାହ(ବିଜେପି), ୩- ନୀତୀନ ଗଡ଼କରୀ(ବିଜେପି), ୪- ଜେପି ନଡ୍ଡା (ବିଜେପି), ୫- ଶିବରାଜ ସିଂହ ଚୌହାନ(ବିଜେପି), ୬- ନିର୍ମଳା ସୀତାରମଣ(ବିଜେପି), ୭- ଏସ ଜୟଶଙ୍କର(ବିଜେପି), ୮- ଧର୍ମେନ୍ଦ୍ର ପ୍ରଧାନ(ବିଜେପି), ୯- ମନୋହର ଲାଲ ଖଟ୍ଟର (ବିଜେପି), ୧୦- ଏଚଡି କୁମାରସ୍ୱାମୀ(ଜେଡିଏସ୍), ୧୧- ପୀୟୁଷ ଗୋଏଲ(ବିଜେପି), ୧୨- ଜିତନ ରାମ ମାଞ୍ଝୀ (ହିନ୍ଦୁସ୍ତାନ ଆବାମ ମୋର୍ଚ୍ଚା), ୧୩- ଲଲନ ସିଂହ (ଜେଡିୟୁ), ୧୪- ସର୍ବାନନ୍ଦ ସୋନୋୱାଲ (ବିଜେପି), ୧୫- ବୀରେନ୍ଦ୍ର କୁମାର (ବିଜେପି), ୧୬- ରାମ ମୋହନ ନାଇଡୁ କିଞ୍ଜରାପୁ (ଟିଡିପି), ୧୭- ପ୍ରହ୍ଲାଦ ଯୋଶୀ(ବିଜେପି), ୧୮- ଜୁଏଲ ଓରାମ(ବିଜେପି), ୧୯- ଗିରିରାଜ ସିଂହ(ବିଜେପି), ୨୦- ଅଶ୍ୱିନୀ ବୈଷ୍ଣବ(ବିଜେପି), ୨୧- ଜ୍ୟୋତିରାଦିତ୍ୟ ସିନ୍ଧିଆ (ବିଜେପି), ୨୨- ଭୂପେନ୍ଦ୍ର ଯାଦବ(ବିଜେପି), ୨୩- ଗଜେନ୍ଦ୍ର ସିଂହ ଶିଖାୱତ (ବିଜେପି), ୨୪- ଅନ୍ନପୂର୍ଣ୍ଣା ଦେବୀ (ବିଜେପି), ୨୫- କିରଣ ରିଜିଜୁ(ବିଜେପି), ୨୬- ହରଦୀପ ସିଂହ ପୁରୀ(ବିଜେପି), ୨୭- ମନସୁଖ ମାଣ୍ଡଭାୟ(ବିଜେପି), ୨୮- ଜି କିଶନ ରେଡ୍ଡୀ(ବିଜେପି), ୨୯- ଚିରାଗ ପାଶୱାନ(ରାମ ବିଲାଶ) ଓ ୩୦- ସିଆର ପାଟିଲ(ବିଜେପି) ଭାବେ ଶପଥ ନେଇଛନ୍ତି।

ତୃତୀୟ ଥର ସହଯୋଗୀ ଦଳଙ୍କ ଭରସାରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ମୋଦିଙ୍କ କାର୍ଯ୍ୟକ୍ରମରେ ପାକିସ୍ତାନକୁ ଛାଡ଼ି ସବୁ ପଡ଼ୋଶୀ ଦେଶର ରାଷ୍ଟ୍ରମୁଖ୍ୟ ଉପସ୍ଥିତ ରହିଥିଲେ। ପ୍ରାୟ ୯ ହଜାରରୁ ଅଧିକ ଅତିଥିଙ୍କ ସାମ୍ନାରେ ମୋଦି ୩.୦ ସରକାର ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ୫୦ ଜଣ କିନ୍ନର ମଧ୍ୟ ଶପଥ ପାଠ ଉତ୍ସବର ମୁଖସାକ୍ଷୀ ବନିଛନ୍ତି।

ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର ଆରମ୍ଭର ସାକ୍ଷୀ ଭାରତର ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟମାନେ ବନିଛନ୍ତି। ପଡ଼ୋଶୀ ପ୍ରଥମ ନୀତିରେ ଭାରତ ପକ୍ଷରୁ ଏମାନଙ୍କ ନିମନ୍ତ୍ରଣ କରାଯାଇଥିଲା। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ପ୍ରଚଣ୍ଡ, ଭୁଟାନ କିଙ୍ଗ ଜିଗମେ ଖେସର ନାମଗିଲ ୱାଙ୍ଗଚୁକ ଓ ମରିସସ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜୁଗନୌଥ, ସିସେଲ୍ସର ଉପ ରାଷ୍ଟ୍ରପତି ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହିଥିଲେ।

ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ମଧ୍ୟ ଏହି ସମାରୋହରେ ଯୋଗ ଦେଇଥିଲେ। ମାଲଦ୍ୱୀପର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହା ମୁଇଜ୍ଜୁଙ୍କ ପ୍ରଥମ ଭାରତ ଗସ୍ତ। ଦୁଇ ଦେଶ ମଧ୍ୟରେ ତିକ୍ତତା ଚାଲିଥିଲେ ମଧ୍ୟ ମୁଇଜ୍ଜୁ ଭାରତ ଆସି ମୋଦିଙ୍କ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଛନ୍ତି।

ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ବିଜେପି ଭେଟରାନ ମୁରଲୀ ମନୋହର ଯୋଶୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଅଭିନେତା ଅକ୍ଷୟ କୁମାର, ରଜନୀକାନ୍ତ, ଶାହରୁଖ ଖାନଙ୍କ ଠାରୁ ଆରମ୍ଭ କରି ଶିଳ୍ପପତି ମୁକେଶ ଆମ୍ବାନୀ, କୁମାର ମଙ୍ଗଲମ ବିର୍ଲା ପ୍ରମୁଖ ମୋଦିଙ୍କ ଶପଥ ପାଠ ବେଳେ ଉପସ୍ଥିତ ରହିଥିଲେ। ଏମାନଙ୍କ ବ୍ୟତୀତ ମନ କୀ ବାତ୍ ଅଂଶଗ୍ରହଣକାରୀ, ପଦ୍ମ ଆୱାର୍ଡି ଓ ଅନେକ ଧର୍ମଗୁରୁ ବି ରାଷ୍ଟ୍ରପତି ଭବନ ଆସିଥିଲେ। ଏହି ଉତ୍ସବରେ ସେଣ୍ଟ୍ରାଲ୍ ଭିଷ୍ଟା ଶ୍ରମିକ, ସଫେଇ କର୍ମଚାରୀ, ବନ୍ଦେ ଭାରତ ଟ୍ରେନ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି।



## ମନ୍ତ୍ରୀ ହେଲେ ଧର୍ମେନ୍ଦ୍ର, ଜୁଏଲ ଓ ଅଶ୍ୱିନୀ ବୈଷ୍ଣବ

ମୋଦି ୩.୦ ସରକାରରେ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଓଡ଼ିଶାର ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନ ବୈଷ୍ଣବ। ପୂର୍ବରୁ ମଧ୍ୟ ଏହି ୩ ଜଣ ବିଭିନ୍ନ ସମୟରେ ମୋଦି ସରକାରରେ ମନ୍ତ୍ରୀ ଭାବେ କାମ କରି ସାରିଛନ୍ତି।

ଜୁଏଲ ଓରାମ ମୋଦି ସରକାରର ପ୍ରଥମ ପାଳିରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୯ରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନଥିଲା। ଏଥର ସେ ଓଡ଼ିଶାର ସୁନ୍ଦରଗଡ଼ ଲୋକସଭା ଆସନରୁ ହ୍ୟାଟ୍ରିକ ବିଜୟ ହାସଲ କରିଛନ୍ତି। ତେଣୁ ମୋଦି ୩.୦ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

ଓଡ଼ିଶାର ସମ୍ବଲପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ତୃତୀୟ ଥର ପାଇଁ ମୋଦି ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

୨୦୧୪ରେ ସେ ପେଟ୍ରୋଲିୟମ ମନ୍ତ୍ରୀ ହୋଇଥିଲେ। ୨୦୧୯ରେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ମିଳିଥିଲା। ୨୦୧୪ରେ ସେ ବିହାର ଓ ୨୦୧୯ରେ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ଯାଇଥିଲେ। କିନ୍ତୁ ଏଥର ସେ ଓଡ଼ିଶାର ସମ୍ବଲପୁରରୁ ଲୋକସଭା ନିର୍ବାଚନ ଜିତି ସଂସଦକୁ ଯାଇଛନ୍ତି।

ସେହିପରି ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ମୋଦି ୨.୦ ସରକାରରେ ରେଳ ସହ ଆଇଟି ବିଭାଗ ସମ୍ଭାଳିଥିଲେ। ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ଏଥର ମଧ୍ୟ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

# '୮୦ ପ୍ରତିଶତ ପରାଗସଙ୍ଗମ କରାଇଥାଏ ମହୁମାଛି'

**ଅନୁଗୋଳ (ଭିଓଭି):** ଓଡ଼ିଶା କୃଷକ ସମନ୍ୱୟ ସମିତି ଏବଂ ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ, ଅନୁଗୋଳ ତରଫରୁ ଉଭୟ ସଂସ୍ଥାର ଅଧକ୍ଷ ତଥା ଅବୈତନିକ ଜୀବଜନ୍ତୁ କଲ୍ୟାଣ ପ୍ରତିନିଧି ରବୀନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଉପରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚିତ ହୋଇଥିଲା ଯେ ମିଳିତ ଜାତିସଂଘର ଅନୁମୋଦନକ୍ରମେ ଆନୁଷ୍ଠାନିକ ଭାବେ ଏହି ଦିବସ ୨୦୧୮ ମସିହା ମେ ୨୦ ତାରିଖ ଠାରୁ ବିଶ୍ୱ ମହୁମାଛି ଦିବସ ରୂପେ ପାଳିତ ହୋଇଆସୁଅଛି । ଏହା ସ୍ଲୋଭିନିଆର ବିଶିଷ୍ଟ ମହୁମାଛି ପାଳକ ଏଣ୍ଟୋନ ଜାନ୍‌ସାଙ୍କ ମହୁ ପାଳନ ଉପରେ ବିଶେଷ ଅବଦାନ ପାଇଁ ତାଙ୍କ ଜନ୍ମଦିନରେ ଏହି ଦିବସ ପାଳିତ ହୋଇଥାଏ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏହି ଦିବସ ପାଳନ ଉପରେ ସଚେତନ କରାଇବା ପାଇଁ ମିଳିତ ଜାତିସଂଘ ତରଫରୁ ଏକ ବାର୍ତ୍ତା ଦିଆଯାଇଛି । ତାହା ହେଉଛି 'ମହୁମାଛି ଯୁବକମାନଙ୍କ ସହିତ ଜଡ଼ିତ' ଉପରେ ସଚେତନ କରାଇବା । ଏହା ଏକ କୃଷିଭିତ୍ତିକ କାର୍ଯ୍ୟକ୍ରମ । ମହୁମାଛି କଠିନ ପରିଶ୍ରମ କରି ଅତି ଦରକାରୀ ମହୁ ମାନବ ସମାଜକୁ ଯୋଗାଇ ଥାଏ । ଏହା ଏକ ଛୋଟ ପତଙ୍ଗ ହେଲେ ମଧ୍ୟ ପରିବେଶ ପାଇଁ ଅତି ଉପକାରୀ । ଉଦ୍ଭିଦର ପରାଗସଙ୍ଗମ ତଥା ପ୍ରଜନନ, ଖାଦ୍ୟ ନିରାପତ୍ତା, ନିରନ୍ତର କୃଷି, ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଜୈବବିବିଧତା



ଏବଂ ପରିସଂସ୍ଥା ନିୟନ୍ତ୍ରଣ ଇତ୍ୟାଦି କ୍ଷେତ୍ରରେ ମହୁମାଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରାଗସଙ୍ଗମ କ୍ଷେତ୍ରରେ ମହୁମାଛି ଦ୍ୱାରା ଅଶୀ ପ୍ରତିଶତ ପରାଗସଙ୍ଗମ କରାଇଥାଏ । ମହୁର ମିଳୁଥିବା ଉତ୍ପାଦନ ମୂଲ୍ୟଠାରୁ ମହୁମାଛି ଦ୍ୱାରା ପରାଗସଙ୍ଗମ ହୋଇ ବର୍ଦ୍ଧିତ ଫସଲର ଉତ୍ପାଦନ ମୂଲ୍ୟ ପ୍ରାୟ ୧୫ଗୁଣ ଅଧିକ । ଏତଦ୍‌ବ୍ୟତୀତ ହାତୀ ଉପଦ୍ରବ ଅଞ୍ଚଳରେ ମହୁମାଛି ବସାକୁ ବାଡ ରୂପେ ବ୍ୟବହାର କରି କୃଷି କ୍ଷେତ୍ରକୁ ରକ୍ଷା କରାଯାଇପାରିବ । ମଣିଷ ଓ ହାତୀ ସଂଘର୍ଷରୁ ସୁରକ୍ଷିତ ରଖିବା ପାଇଁ ମହୁମାଛି ବସାର ବାଡ ବ୍ୟବହାର କରି ଧନଜୀବନ ରକ୍ଷା କରିବାକୁ ଏକ ଅଭିନବ ପ୍ରୟାସ । ୨ଏକର ପରିମିତ କୃଷିକ୍ଷେତ୍ର ପାଇଁ ୨୫ରୁ୪୦ଟି ମହୁଫେଣାର ଆବଶ୍ୟକତା ରହିଛି । କୃଷକର କୃଷିକ୍ଷେତ୍ର ଚାରିପାଖେ ମହୁବାକ୍ସଗୁଡିକ ରଖି ତାରଦ୍ୱାରା ପରସ୍ପରକୁ ବନ୍ଧାଯାଇଥାଏ । ଯେପରି କୃଷକର ସମ୍ପୂର୍ଣ୍ଣ ଜମି ଏକ ଘେରା ମଧ୍ୟରେ ରହିଥାଏ । ଯଦି କୌଣସି ହାତୀ ଏହି ତାର ସଂସ୍ପର୍ଶରେ ଆସେ ତାର ଦୋହଲିବା ଦ୍ୱାରା ମହୁମାଛିମାନେ ମହୁବସାରୁ ବାହାରି ହାତୀ ଚାରିପାଖେ ଘୂରି ବୁଲନ୍ତି ଓ ଏକ ଅଜବ ଧ୍ୱନି ସୃଷ୍ଟି କରିବାସହ ହାତୀର କାନ ଓ ଶୁଣ୍ଢ ମଧ୍ୟରେ ପଶି ହାତୀକୁ ଆକ୍ରମଣ କରିଥାନ୍ତି । ଫଳରେ ହାତୀ ସେଠାକୁ ଆସେନାହିଁ। ଏସମ୍ପର୍କରେ ପ୍ରଥମେ ବ୍ରିଟେନସ୍ଥିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଥିବା ଲୁସି କିଂ ଉପରୋକ୍ତ ପ୍ରଣାଳୀ ବ୍ୟବହାର କରି ସଫଳ ହୋଇଛନ୍ତି । ଆମ ଓଡିଶାରେ ଟାଟା କମ୍ପାନୀ ତରଫରୁ ଏହି ଅଭିନୟ ପ୍ରୟାସକୁ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକର ସର୍ଗତୋଳିଆ ଗ୍ରାମର ଉପରସାହିରେ ଏହି ପ୍ରକଳ୍ପକୁ ଆରମ୍ଭ କରି ସଫଳ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ମେସିନରେ ଚାଲିଛି ହଳଦୀଡ଼ଙ୍ଗରିରୁ ଜଗିଚଟାନ ରାସ୍ତା କାମ



**ନବରଙ୍ଗପୁର(ଭିଓଭି):** ରାଇଘର ମନେରଗା କାମ ଯାହାକି ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଏହି ଯୋଜନାରେ ଶ୍ରମିକଙ୍କ ନିଜ ବ୍ୟାଙ୍କ ଖାତାରେ ଯିବ ସରକାରି ପଇସା କିନ୍ତୁ କେତେକ ଜାଗାରେ ଶ୍ରମିକ କାମ ନକରି ମେସିନରେ କରାଯାଉଛି। କାମ ଏବଂ ଶ୍ରମିକଙ୍କ ନାମ ଦର୍ଶାଇ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଏଥିପ୍ରତି ପ୍ରଶାସନର ନଜର ପଡୁନି। ସୂଚନା ଥାଉ କି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର କୁମୁଲି ପଞ୍ଚାୟତର ହଳଦୀଡ଼ଙ୍ଗରି ଗ୍ରାମରୁ ଯୋଗୀଚଟାନ ଗ୍ରାମକୁ ସରକାରୀ ତରଫରୁ ରାସ୍ତା ପାଇଁ ଅନୁମୋଦନ ହୋଇଥିବା ବେଳେ ଏହି ରାସ୍ତା ମେସିନ ସାହାଯ୍ୟରେ ତିଆରି ଚାଲିଛି। ଏହି କାମ ପାଖରେ କୌଣସି ସୂଚନାଫଳକ ନାହିଁ ଏହି କାର୍ଯ୍ୟର ଅଟକଳ ମୂଲ୍ୟ କେତେ ମୋଟ ଟଙ୍କା ନାମ କଣ ତାହା ମଧ୍ୟ ଜଣାପଡ଼ିନାହିଁ। ସୂଚନାଥାଉ କି ପଞ୍ଚାୟତ ଅଧିକାରୀ ଏହି କାର୍ଯ୍ୟବିଷୟରେ ଜାଣିନଥିବା କହିଛନ୍ତି, ବଡ଼ ଆଶ୍ଚର୍ଯ୍ୟର କଥା ବାରମ୍ବାର ସରକାରଙ୍କ ନିର୍ଦ୍ଦେଶ ରହିଛି କାମ ଆରମ୍ଭ ପୂର୍ବରୁ କାମ ପାଖେ ସୂଚନା ଫଳକ ତିଆରି କରିବାର କିନ୍ତୁ ଏହି ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଗୋଟେପଟେ ଲୋକେ କାମ ନ ପାଇଁ ଦାଦନ ଖଟିବାକୁ ଯାଉଥିବା ବେଳେ ଗୋଟେ ପଟେ ଶ୍ରମିକଙ୍କୁ କାମ ନ ଦେଇ ମେସିନରେ କରାଯାଉଛି ସରକାରୀ କାମ ଏଥିପ୍ରତି ବ୍ଲକର କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି। ଯଥାଶୀଘ୍ର ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର, ବାଉଁଶ ଭରଷାରେ ବିଦ୍ୟୁତ ସରବରାହ

**ଭାପୁର(ଭିଓଭି):** ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ସ୍ଥିତ ଅଗ୍ନିଶମ ବାହିନୀ କେନ୍ଦ୍ର ସମ୍ମୁଖରୁ ଭାପୁର ହାଇସ୍କୁଲକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ହୋଇ ପଡିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ମୁକୁଳା ହୋଇ ପଡ଼ିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱ ଅନାବନା ଘାସ ତଥା ଗଛ ଦ୍ୱାରା ଆଚ୍ଛାଦିତ ହୋଇ ରହିଥିବା ବେଳେ ଜନସାଧାରଣ ତଥା ଗୃହ ପାଳିତ ପଶୁମାନଙ୍କ ପାଇଁ ବିପଦ ସାଜିଛି। ଏଥିସହ ବାଉଁଶ ସହାୟତାରେ ୩ଟି ଫେଜ୍‌ର ବିଦ୍ୟୁତ୍ କେବୁଲ୍ ତାରକୁ ସଂଯୋଗ କରାଯାଇ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆ ଯାଉଥିବାରୁ ବିପଦକୁ ଏକ ପ୍ରକାର ଆମନ୍ତ୍ରଣ କରାଯାଉଛି। ଉକ୍ତ ରାସ୍ତା ଦେଇ ପ୍ରତି ଦିନ ଶହ ଶହ ଛାତ୍ରଛାତ୍ରୀମାନେ ଉଚ୍ଚ ବିଦ୍ୟାଳୟ ତଥା ଭାପୁର ଆଞ୍ଚଳିକ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ କୁ ପାଠ ପଢିବା ପାଇଁ ତଥା ଶତାଧିକ ଜନ ସାଧାରଣ ଯାତାୟତ କରୁଥିବା ବେଳେ ଭାପୁର ମହୋତ୍ସବ ଠାରୁ ଆରମ୍ଭ କରି ବିଭିନ୍ନ ଉତ୍ସବ ସମୟରେ ଜନ ଗହଳି ଲାଗି ରହୁଛି। ତେଣୁ କେତେବେଳେ ଯେ କୌଣସି ଏକ ଅଘଟଣ ନଘଟିବ କହି ହେବ ନାହିଁ।



ତେଣୁ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ତଥା ଜନ ସାଧାରଣ ଦାବି କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବାରିକ କୁହନ୍ତି, ଏନେଇ ଆମେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଛି, ତେଣୁ ଅନୁଦାନ ଅର୍ଥ ଆସିଲେ ଏହାର ସମାଧାନ କରାଯିବ।

# ସୂର୍ଯ୍ୟ ମନ୍ଦିର ରକ୍ଷାଣବେକ୍ଷଣ ଅଭାବ; ଅଧାରେ ଅଟକିଛି ଗର୍ଭଗୃହରୁ ବାଲି ନିଷ୍କାସନ

**କୋଣାର୍କ(ଭିଓଭି):** ପ୍ରାଚୀନ କୀର୍ତ୍ତି ବିମଣ୍ଡିତ ବିଶ୍ୱ ଐତିହ୍ୟ କୋଣାର୍କକୁ ସୁରକ୍ଷା ଦେବା ପାଇଁ ମନ୍ଦିର ମୁଖଶାଳା ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହି ମୁତାବକ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ଅଳ୍ପ କିଛି କାମ ହେବା ପରେ ବାଲି କଢ଼ା କାର୍ଯ୍ୟ ଏବେ ପୂରା ଅଟକି ଯାଇଥିବା ଦେଖିବାକୁ ମିଳୁଛି । ମନ୍ଦିର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ କାର୍ଯ୍ୟର ଅଗ୍ରଗତି ଏବେ ନୈରାଶ୍ୟଜନକ ରହିଛି । ଫଳରେ ବାଲିକଢ଼ା ପାଇଁ ନିଷ୍ପତ୍ତି ହେବାର ଦେଢ଼ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବିଶେଷ କିଛି କାର୍ଯ୍ୟ ହୋଇ ନଥିବାରୁ ଏହାକୁ ନେଇ ଅନିଶ୍ଚିତତା ଜାରି ରହିଥିବା ସ୍ଥାନୀୟ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି । ଏହାକୁ ନେଇ ଏଏସ୍ଆଇର କାର୍ଯ୍ୟ ଉପରେ ମଧ୍ୟ ତୀବ୍ର



ଅସନ୍ତୋଷ ପ୍ରକାଶ ପାଇଛି । ବାଲି କଢ଼ାଯିବା ପାଇଁ ଆନୁସଙ୍ଗିକ ଭିତ୍ତିଭୂମିର ସୁଦୃଢ଼ିକରଣ କାର୍ଯ୍ୟ ନାମକୁ ମାତ୍ର ଚାଲିଥିବା ସ୍ଥାନୀୟ ଲୋକେ କହିଛନ୍ତି । ସବୁଠାରୁ ବଡ଼ କଥା ହେଉଛି ସୂର୍ଯ୍ୟମନ୍ଦିର ପରିସର ମଧ୍ୟରେ ଥିବା ଘାସଗାଲିଚା ମଧ୍ୟରେ ନାଲି ମୋରମ ରାସ୍ତା ତିଆରି କରି ଏବେ ଏଏସ୍ଆଇ କର୍ତ୍ତୃପକ୍ଷ ସମାଲୋଚନାର ଶରବ୍ୟ ହୋଇଛନ୍ତି । ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏବେ ସୂର୍ଯ୍ୟମନ୍ଦିର ମୁଖଶାଳାର ବାଲି କଢ଼ା କେବେ ସରିବ ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ମନ୍ଦିର ବେଢ଼ାରେ ବିଭିନ୍ନ ସ୍ଥାନରେ ଲୁହା ବିମ୍ ଲଗାଇଦେଇ ଏଏସ୍ଆଇ ଆଉ କୌଣସି କାର୍ଯ୍ୟ ହାତକୁ ନେଇ ନାହିଁ । ଫଳରେ ବାଲିକଢ଼ା ଦିଗରେ କୌଣସି ଅଗ୍ରଗତି ହେଉନାହିଁ। ଅନ୍ୟପକ୍ଷରେ ବେଢ଼ା ଉପରେ ଲାଗିଥିବା ବିମ୍ ସଂସ୍ପର୍ଶରେ ଆସି ମନ୍ଦିର ତୀକ୍ଷ୍ଣ କାରୁକାର୍ଯ୍ୟ ନଷ୍ଟ ହେଉଥିବା ମଧ୍ୟ ଅଭିଯୋଗ ଉଠିଲାଣି । ପୂର୍ବ ସୂଚନା ମୁତାବକ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ନେବା ପରଠାରୁ ଏପର୍ଯ୍ୟନ୍ତ ୨୩ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇସାରିଛି । ସେଥିମଧ୍ୟରୁ ୨୦୧୦ରେ ହୋଇଥିବା ବିଶ୍ୱ ବିଶେଷଜ୍ଞ କମିଟି ବୈଠକର ଗୁରୁତ୍ୱ ସର୍ବାଧିକ । ମାତ୍ର ୨୦୧୦ରେ ହୋଇଥିବା ବିଶ୍ୱଚିନ୍ତନ ବୈଠକର ନିଷ୍ପତ୍ତିକୁ ଆଜି ପର୍ଯ୍ୟନ୍ତ ଏଏସ୍ଆଇ ପୂର୍ଣ୍ଣଭାବେ କାର୍ଯ୍ୟକାରୀ କରିନାହିଁ । ସିବିଆରଆଇର ଲେଜର ସ୍କାନିଂରୁ ମନ୍ଦିରର ବାଲି ୧୭ ଫୁଟ ଦବିଥିବା ନେଇ ରିପୋର୍ଟ ଆସିଥିଲେ ମଧ୍ୟ ଏନେଇ ସେଭଳି କୌଣସି ପ୍ରତିକାର ବ୍ୟବସ୍ଥା ଏଏସ୍ଆଇ ପକ୍ଷରୁ କରାଯାଇ ନଥିବା ଅଭିଯୋଗ ହୋଇଛି । ମନ୍ଦିରର ଗର୍ଭଗୃହରୁ କେବେ ବାଲି କଢ଼ାଯିବ ସେ ନେଇ ଉଦବେଗ ଜାରିରହିଥିବା ସମୟରେ ଏଏସ୍ଆଇର ଉଦାସୀନତାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି । ଏନେଇ କୋଣାର୍କ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରାମକୃଷ୍ଣ ମହାନ୍ତି, ଭାଗିରଥି ସ୍ୱାଇଁ, କୋଣାର୍କ ପ୍ରେସ୍ କ୍ଲବ୍ ସଭାପତି ଧନଞ୍ଜୟ ବେହେରା, ସଂପାଦକ ବିଚିତ୍ର ଓଝା ପ୍ରମୁଖ କହିଛନ୍ତି ।

ଭାଗ-୧ । ସଂଖ୍ୟା-୩୦ । ଭୁବନେଶ୍ୱର । ୧୦ ରୁ ୧୬ ଜୁନ ୨୦୨୪
Vol-1 | Issue-30 | Bhubaneswar | 10 to 16 June 2024

# ଚୋରାରେ ବାଲି ଚାଲାଣ କରୁଥିବା ଗାଡ଼ିକୁ ଧରି ଛାଡ଼ିଦେଲା ପୋଲିସ !



**ଧାମନଗର(ଭିଓଭି):** ଧାମନଗର ତହସିଲ ଅଧିନ ଆନନ୍ଦପୁର ପଞ୍ଚାୟତରୁ ଚୋରାରେ ବାଲି ନେଇ ଯାଉଥିବା ୨ ଟି ଗାଡ଼ିକୁ ଧାମନଗର ଥାନା ପୋଲିସ ଛାଡ଼ି ଦେବାକୁ ନେଇ ପ୍ରଶ୍ନ ଉଠିଛି । ଫାଇନ୍ କାଟିଲେ ନା ସେମିତି ଛାଡ଼ିଦେଲେ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ଥାନାର ଦୁଇ ଏସ୍ଆଇ ଭିନ୍ନ ଭିନ୍ନ କଥା କହୁଥିବାରୁ ଏଭଳି ପରିସ୍ଥିତି ଉପୁଜିଛି । ଏସ୍ଆଇ ପ୍ରଦୀପ ନାୟକ ଗୁରୁବାର ଦିନ ଦୋବଲ-ଧାମନଗର ରାସ୍ତାରେ ଖଡ଼ିପଦା ପୋଲ ପାଖରେ ଗାଡ଼ି ଯାଞ୍ଚ କରୁଥିବାବେଳେ ବାଲି ନେଇ ଯାଉଥିବା ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟିପରକୁ ଧରିଥିଲେ । ଏହାକୁ ନେଇ ଟ୍ରାକ୍ଟର ଡ୍ରାଇଭର ଓ ଟିପର ମାଲିକ ଆସି ଏସ୍ଆଇ ପ୍ରଦୀପଙ୍କ ସହ ଯୁକ୍ତିତର୍କ କରିଥିଲେ । ତା ପରେ କଣ ହେଲା କେଜାଣି ଗାଡ଼ି ଦୁଇଟିକୁ ଛାଡ଼ି ଦେଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି ।

ଏନେଇ ଖବର ମିଳିବା ପରେ ଆମେ ଧାମନଗର ଥାନାକୁ ଯାଇଥିଲୁ । ବାଲି ଗାଡ଼ି ଦୁଇଟି ଧରାପଡ଼ିବା ସଂପର୍କରେ ବୁଝାବୁଝି କରିଲୁ । ଏସ୍ଆଇ ରଶ୍ମିତା ମଲ୍ଲିକ କହିଲେ ଯେ, ଗାଡ଼ି ଦୁଇଟିର ଫାଇନ କଟାଯାଇ ଛାଡ଼ି ଦିଆଗଲା । ହେଲେ ଗାଡ଼ିରୁ କେତେ ଟଙ୍କା ଫାଇନ କଟାଗଲା ସେନେଇ ରଶ୍ମିତା କିଛି କହିଲେ ନାହିଁ । ହେଲେ ବାଲି ଗାଡ଼ି ଧରିଥିବା ଏସ୍ଆଇ ପ୍ରଦୀପ ନାୟକ ସଂଧାରେ ସ୍ୱଷ୍ଟୀକରଣ ଦେଲେ ଯେ, ଗାଡ଼ି ଦୁଇଟିକୁ ଯାଞ୍ଚ କରିଥିଲୁ । ହେଲେ ସେମାନେ ବାଲି ପରିବହନ ପାଇଁ ଥିବା ଆବଶ୍ୟକୀୟ କାଗଜପତ୍ର ଦେଖାଇବାରୁ ଗାଡ଼ି ଛାଡ଼ିଦେଲୁ । ଅନ୍ୟପକ୍ଷରେ ଟିପର ମାଲିକ କହିଛନ୍ତି ଯେ, କିଛି କାଗଜପତ୍ର ଦେଇନାହୁଁ । ଧାମନଗର ଏସଡିପିଓ ଓ ଥାନା ଅଧିକାରୀଙ୍କ ସହ ବୁଝାମଣା ହୋଇଛି । ସେହି ବୁଝାମଣା ଅନୁସାରେ ଗାଡ଼ି ଧରିବା ବେଳେ ଆମେ ତାଙ୍କୁ କଲ କରିଥିଲୁ । ଥାନା ଅଧିକାରୀ ଫୋନ୍ କରି ଏସ୍ଆଇଙ୍କୁ କହିଦେବାରୁ ସେ ଗାଡ଼ି ଛାଡ଼ିଦେଲେ ।

ଅନୁଧ୍ୟାନରୁ ଜଣାଯାଇଛି ଯେ, ଟ୍ରାକ୍ଟର ମାଲିକଙ୍କ ଘର ଆନନ୍ଦପୁର ପଞ୍ଚାୟତର ହାତିଡିଅ ଓ ଟିପର ମାଲିକଙ୍କ ଘର ଆନନ୍ଦପୁର ପୋଷ୍ଟ ଅଫିସ ପାଖରେ । ଦୁଇଟି ଯାକ ଗାଡ଼ି ପଣସମାହାରା ଘାଟ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉଠାଇ ନେଇ ଦୋବଲ ଯାଉଥିଲେ । ଏଠାରେ ବାଲିଘାଟ ନିଲାମ ନଥିବାରୁ ସ୍ଥାନୀୟ ଗାଡ଼ି ମାଲିକମାନେ ରାତିରେ ବାଲି ଚୋରି କରି ପୋଲ ପାଖରେ ଠୁଳ କରୁଛନ୍ତି । ଆଉ ସେଠାରୁ ନେଇ ବିକ୍ରି କରୁଛନ୍ତି । ଏଣୁ ବାଲି ପରିବହନ ନେଇ ଏମାନଙ୍କ ପାଖରେ କୌଣସି ପ୍ରକାର କାଗଜପତ୍ର ନାହିଁ । ଯେଉଁ ଜାଗାରେ ବାଲି ଗାଡ଼ି ଧରାପଡ଼ିଲା ସେହିଠାରୁ ୧୦ କିଲୋମିଟର ପରିଧି ରେ କୌଣସି ବାଲିଘାଟର ନିଲାମ ନାହିଁ । ଏଣୁ ବାଲି ପରିବହନ ସଂପର୍କିତ କାଗଜପତ୍ର ଦେଖାଇବା ସମ୍ଭବ ନୁହଁ ।

ଏପରିକି ଆନନ୍ଦପୁର ଘାଟରୁ ବାଲି ଚୋରି ହେଉଛି ବୋଲି ଦିନକ ପୂର୍ବ ଜିଲ୍ଲା ଖଣି ଅଧିକାରୀ, ସୋଧ ରାଜସ୍ୱ ନିରୀକ୍ଷକ ଆସି ତଦନ୍ତ କରିଥିଲେ । ଏ କ୍ଷେତ୍ରରେ ବାଲି ପରିବହନ କରୁଥିବା ଦୁଇ ଗାଡ଼ି କାଗଜପତ୍ର ଦେଖାଇବା ନେଇ ପୋଲିସ କହିବା ସଂପୂର୍ଣ୍ଣ ମିଛ ବୋଲି ବାଲି ବିରୋଧରେ କୋର୍ଟରେ କେଶ ଲଢୁଥିବା ମନୋଜ କୁମାର ଦାସ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସଷ୍ଟେନେବୁଲ ସ୍ୟାଣ୍ଡ ମାଇନିଂ ଗାଇଡଲାଇନ-୨୦୨୦, ଓଡ଼ିଶା ମାଇନର ମିନେରାଲ କନସେସନ ରୁଲ୍ସ-୨୦୧୬ର ଧାରା ୫୧ ଅନୁସାରେ ପୋଲିସ ବାଲି ଚୋରି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା କଥା । ଏପରିକି ଦୁଇ ଗାଡ଼ି ଓ ଡ୍ରାଇଭରଙ୍କ ବିରୋଧରେ ଆଇପିସି-୩୭୯, ଜିଏସଟି ଆକ୍ଟ-୨୦୧୭, ଆଇଟି ଆକଟ-୧୯୬୧ ଅନୁସାରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିଥାନ୍ତା । ହେଲେ ପୋଲିସ କୌଣସି ପ୍ରକାର ନିଜସ୍ୱ ସ୍ୱାର୍ଥ ଦେଖି ଦୁଇ ଗାଡ଼ିକୁ ଚାଡ଼ି ଦେଇଥାଇପାରେ ବୋଲି ସେ କହିଛନ୍ତି । ପ୍ରକାଶ ଥାଉକି କି ଆଗକୁ ନିର୍ବାଚନ ଥିବାରୁ ସରକାରୀ ଅଧିକାରୀଙ୍କୁ ହାତକରି ବାଲି ମାଫିଆ ମାନେ ଅହରହ ବାଲି ଚୋରୀକରି ବିକ୍ରି କରୁଛନ୍ତି । ଏ ନେଇ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବୁଦୁରା ଗ୍ରାମବାସୀ ହାତୀ ଉପଦ୍ରବରେ ଅତିଷ୍ଠ ହେଲେଣି



**କାଶୀନଗର(ଭିଓଭି):** ଗଲା ସପ୍ତାହରେ କାଶୀନଗର ଠାରୁ ଇଦୁଡ଼ି ଯିବା ରାସ୍ତା ପାର୍ଶ୍ୱରେ ଥିବା ଏକ ଛୋଟ ଆମ୍ବ ତୋଟାଠାରେ ଖାଦ୍ୟ ଅନ୍ୱେଷଣ କରି ଚାରିଟିକିଆ ହାତୀପଲ ଆସିଥିଲେ । ହାତୀ ବୁଲାବୁଲି କରୁଥିବା କ୍ଷେତ୍ର ନିକଟରେ ବହୁ ଗ୍ରାମବାସୀ ହାତୀ ଦେଖିବା ପାଇଁ, ହାତୀର ଫଟୋ ଉଠାଇବା, ସେଲ୍ଫି ନେବା ନିମନ୍ତେ ରୁଣ୍ଡ ହୋଇ ରହିଥିବା ସେହି ସମୟରେ ଦେଖାଯାଉ ଥିଲା । ଇଦୁଡ଼ି ଠାରୁ ବୁଦୁରା ଗ୍ରାମକୁ ସେହି ଚାରିଟିକିଆ ହାତୀ ଚାଲି ଯାଇ ଗ୍ରାମ ମଧ୍ୟରେ ଥିବା ଧାନ କ୍ଷେତ, ପନି ପରିବା ବାଡ଼ ସବୁ ମାଡି ଓ ଦଳି ନଷ୍ଟ କରି ବୁଦୁରା ଗ୍ରାମ ନିକଟରେ ଥିବା ଏକ ଆମ୍ବ ତୋଟାରେ ରହି ଯାଇଥିଲେ । ପୂରା ୧୦ ଦିନ ହେଲା ବୁଦୁରା ତଥା ଏହାର ଆଖ ପାଖ ଗାଁ ମାନଙ୍କରେ ହାତୀ ରହିଥିବାରୁ ବିଜୁଳି ସରବରାହ ବନ୍ଦ ରହିବାରୁ ଗ୍ରାମବାସୀ ଖରାଦିନରେ ପଙ୍ଖା ପବନ ନ ପାଇ ବହୁ କଷ୍ଟ ଅନୁଭବ କରୁଥିବା ବେଳେ ଚାଷୀ ମାନେ ଖରାଟିଆ ଧାନ ଚାଷ ପାଇଁ ପମ୍ପ ଯୋଗେ ଧାନ କ୍ଷେତରେ ପାଣି ମଡ଼େଇବାକୁ ଚାହିଁ ବସିଥିବାବେଳେ ଏହି ହାତୀ ପଲ ପାଇଁ ବିଜୁଳି ବାରମ୍ବର କଟ୍ କରିବାରୁ ସେମାନେ ମଧ୍ୟ ବହୁ ହଇରାଣ ହେଲେଣି । ସ୍ଥାନୀୟ ଫୋରେଷ୍ଟର ଏସ. କେ ବେହେରା ଓ ବୁଦୁରା ସରପଞ୍ଚ ସଞ୍ଜୟ କୁମାର ମିଶ୍ର ବହୁ ଚେଷ୍ଟା କରି ବର୍ତ୍ତମାନ ହାତୀ ଘଉଡି ବାରେ ସଫଳ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ବିଜୁଳି ବିଭାଗର ଯନ୍ତ୍ରୀ ମଧ୍ୟ ହାତୀମାନେ ଚାଲି ଯାଇଛନ୍ତି । ଆଉ ବିଜୁଳି ବିଭ୍ରାଟ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି । ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ମାନି ହାତୀ ମାନଙ୍କୁ କୌଣସି ଅସୁବିଧା ନ ପହଞ୍ଚାଇ ସେମାନଙ୍କୁ ଘଉଡାଇବାକୁ ପଡୁଛି ବୋଲି ସ୍ଥାନୀୟ ରେଞ୍ଜର ସୂଚନା ଦେଇଛନ୍ତି ।

# ବ୍ରେନ୍‌ଡେଡ୍ ଶିଶୁର ଶରୀରରୁ ଅଙ୍ଗ କଢ଼ାଯାଇ ଅନ୍ୟ ଶରୀରରେ ହେଲା ପ୍ରତ୍ୟାରୋପଣ

**ଭୁବନେଶ୍ୱର(ଭିଓଭି):** ନିଜର ୨୧ ମାସର ଶିଶୁ ପୁତ୍ର ବ୍ରେନ୍‌ଡେଡ୍ ଘୋଷଣା ହେବା ପରେ ମହାନତା ଦେଖାଇଛନ୍ତି ତାର ପିତାମାତା । ଦୁଃଖରେ ଭାଙ୍ଗିପଡ଼ିଛନ୍ତି ସତ, କିନ୍ତୁ ନିଜ ପୁଅର ଅଙ୍ଗ ପ୍ରଦାନ କରି ଅନ୍ୟ କାହାର ଜୀବନ ରକ୍ଷା କରିବାର ଉଦାରତା ଦେଖିବାକୁ ମିଳିଛି ଏହି ଦୁଃଖୀପିତାମାତାଙ୍କ ପାଖରେ । ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲରେ ବ୍ରେନ୍‌ଡେଡ୍ ହୋଇଥିବା ଏହି ଶିଶୁର ଅଙ୍ଗଦାନର ନିଷ୍ପତି ନେଇ ଅନ୍ୟ ଦୁଇ ଜଣଙ୍କର ଜୀବନ ରକ୍ଷା କରାଯାଇ ପାରିଛି । ୨୦୨୨ ମସିହା ଜୁଲାଇ ମାସରେ ଜନ୍ମହୋଇଥିବା ଶିଶୁଟିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବା ସହ ସେ ଅସୁସ୍ଥ ହୋଇପଡ଼ିଥିଲା । ସେ ଅନେକ ଥର ହସ୍ପିଟାଲ୍ ଆସିବା ସହ ଚିକିତ୍ସିତ ହୋଇ ପୁଣି ଘରକୁ ଫେରୁଥିଲା ବୋଲି ସମ୍ ହସ୍ପିଟାଲ୍‌ର ଶିଶୁ ରୋଗ ବିଭାଗର ପ୍ରଫେସର ଡାକ୍ତର ଦେବସ୍ମିତା ରଥ କହିଛନ୍ତି । ଶିଶୁଟି ୧୫ ଦିନ ତଳେ



ମେନିନ୍‌ଜାଇଟିସରେ ଆକ୍ରାନ୍ତ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲା । ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ଦିନ ସେପ୍ଟିକ୍ ସକ୍ ହେବା ପରେ ଶିଶୁଟିକୁ ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା ।ଶିଶୁଟି ବ୍ରେନ୍‌ଡେଡ୍ ହୋଇଯିବା ପରେ ତାର ଚିତ୍ରକର ପିତାମାତା ଗୌରୀଶଙ୍କର ପାଣିଗ୍ରାହୀ ଓ ଶର୍ମିଷ୍ଠା ପାଣିଗ୍ରାହୀ ତାର ଅଙ୍ଗଗୁଡିକୁ ପ୍ରତ୍ୟାରୋପଣ ପାଇଁ ଅପେକ୍ଷାରତ ଥିବା ଅନ୍ୟ ରୋଗୀମାନଙ୍କୁ ପ୍ରଦାନ କରି ସେମାନଙ୍କ ଜୀବନ ବଂଚାଇବା ପାଇଁ ଇଛା ପ୍ରକାଶ କରିଥିଲେ ।ଏହା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ସୋଟୋ) କୁ ଏହି ସୂଚନା ଦେବା ସହ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନ୍ୟାସନାଲ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ନୋଟୋ)କୁ ଯୋଗାଯୋଗ କରିଥିଲେ । ଶିଶୁଟିର ଲିଭରକୁ ନୂଆଦିଲ୍ଲୀ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ ଲିଭର ଆଣ୍ଡ ବିଲିଆରି ସାଇନସେସ୍ (ଆଇଏଲବିଏସ)ରେ ଚିକିତ୍ସିତ ହେଉଥିବା ଜଣେ ଶିଶୁର ଶରୀରରେ ପ୍ରତ୍ୟାରୋପଣ ପାଇଁ ପଠାଯାଇଥିବା ବେଳେ ଦୁଇଟି କିଡ଼ନିକୁ ରାଜଧାନୀର ଏକ ହସ୍ପିଟାଲରେ ଆଉ ଜଣେ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିବା ନେଇ ସୂଚନା ମିଳିଛି ।

# ନାଲିଫିତା ତଳେ ଅଣନିଃଶ୍ୱାସୀ ସ୍ମାର୍ଟ ପାର୍କ ଫାଇଲ୍

**କୋଣାର୍କ(ଭିଓଭି):** ବିଗତ ବର୍ଷ ୨୦୨୧ ଅଗଷ୍ଟ ମାସରେ କୋଣାର୍କରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ମାର୍ଟ ପାର୍କ ନିର୍ମାଣର ଶିଳାନ୍ୟାସ ହୋଇଥିଲା । ଏହା ମଧ୍ୟରେ ୨ବର୍ଷରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ ଫାଇଲଟି ଏବେ ନାଲି ଫିତା ଭିତରେ ଅଣନିଃଶ୍ୱାସୀ ଭାବେ ରହିଥିବା ବେଳେ ସ୍ମାର୍ଟ୍ ପାର୍କ ଏବେ କେବଳ ନାମ ଫଳକରେ ସୀମିତ ରହିଛି । ସ୍ମାର୍ଟ ପାର୍କରେ ଗୋଟିଏ ହେଲେ ଫୁଲ ଗଛ ନଥିବା ବେଳେ ପାର୍କରେ ଚଲା ବୁଲା ଓ ବ୍ୟାୟାମ କରିବା ଲାଗି ଆନୁସଙ୍ଗିକ ସୁବିଧା ନଥିବା ଦେଖିବାକୁ ମିଳିଛି । ସରକାର ସହରାଞ୍ଚଳର ଜନସାଧାରଣଙ୍କ ଚିତ୍ତ ବିନୋଦନ ପାଇଁ ପାର୍କ ନିର୍ମାଣ ଲାଗି ଯୋଜନା କରିଛନ୍ତି । ଏନେଇ କୋଣାର୍କ- କାକଟପୁର ମୁଖ୍ୟ ରାସ୍ତା ବସଷ୍ଟାଣ୍ଡ ସନ୍ନିକଟ ରାଉଳପାଟଣା ରାସ୍ତା ପାର୍ଶ୍ୱରେ ପାର୍କ ନିର୍ମାଣ ଲାଗି ଯୋଜନା ରହିଥିଲା । ୨୦୨୧ ମସିହା ଅଗଷ୍ଟ ୩୧ରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ,ତତ୍କାଳୀନ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ ଶ୍ରୀ ନିବାସ ଏହି ପାର୍କର ଶିଳାନ୍ୟାସ କରିଥିଲେ । ପରେ ପାର୍କ ଚର୍ତ୍ତୁଃପାର୍ଶ୍ୱ ପ୍ରାଚେରୀ ସମେତ ଗୃହ ମଧ୍ୟ ନିର୍ମାଣ କରାଯାଇଥିଲା । ମାତ୍ର ପରିସର ମଧ୍ୟରେ ଆବଶ୍ୟକ ପରିମାଣର ମାଟି ପକାଇଯାଇ ଥିଲେ ବି ଗୋଟାଏ ମଧ୍ୟ ଫୁଲ ଗଛଟିଏ ଲଗାଯାଇନଥିଲା । ତତ୍ ସହିତ ବ୍ୟାୟାମ ଲାଗି ପାର୍କ ମଧ୍ୟରେ ଆନୁଷଙ୍ଗିକ ଯନ୍ତ୍ରପାତି ମଧ୍ୟ ଲାଗିପାରିଲା ନାହିଁ । ଏବେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ବେଳେ ଦିନରେ ଗାଈ ଗୋରୁ ଚରୁଥିବା ବେଳେ ରାତିହେଲେ ନିଶାଚରଙ୍କ ଚାରଣ ଭୂମି ପାଲଟିଛି ଆମ ସ୍ମାର୍ଟ୍ ପାର୍କ ।





Nihar Ranjan Acharya

## Nurturing Harmony:

# The Imperative of World Peace



In a world often marked by conflict and discord, the pursuit of world peace stands as a noble and urgent endeavor. The call for peace is not merely an abstract ideal; it is a foundational principle that can shape the course of history and ensure the well-being of present and future generations. As we navigate the complexities of the 21st century, the imperative of world peace remains stronger than ever.

**The Price of Conflict**

The human toll of conflict is immeasurable. Wars and disputes leave behind scars that run deep, affecting entire nations and their inhabitants. Lives are lost, families torn apart, and societies shattered. Beyond the physical causalities, there are emotional wounds that may never heal. It is in this context that world peace becomes not just a lofty aspiration, but a moral necessity.

**The Path to Peace**

Achieving global harmony is undoubtedly challenging, but it is not impossible. The path to peace is paved with diplomacy, cooperation, and understanding. It begins with nations and individuals acknowledging their shared interests, respecting one another's differences, and committing to resolve disputes through dialogue and negotiation.

**The Role of Education**

Education plays a pivotal role in nurturing a culture of peace. By promoting tolerance, empathy, and the values of coexistence, we can empower future generations to embrace peaceful solutions to conflicts. Education is the cornerstone of progress, and it equips individuals with the tools to tackle the root causes of strife.

**Economic Interdependence**

Economic interdependence, facilitated by globalization, can also be a powerful force for peace. As nations become more interconnected through trade and commerce, the incentives for war diminish. Cooperation becomes essential for mutual prosperity, reinforcing the idea that nations can thrive without resorting to violence.

**The United Nations: A Beacon of Hope**

The United Nations, founded in the aftermath of World War II, stands as a testament to the world's commitment to peace. Its mission to maintain international security, promote human rights, and foster cooperation is more relevant today than ever before. The UN provides a forum for nations to resolve differences peacefully and coordinate on global issues such as climate change and poverty.

**Individual Responsibility**

Beyond the realm of international politics, each individual has a role to play in the pursuit of peace. Acts of kindness, understanding, and tolerance can create a ripple effect that extends far beyond our immediate circles. Peace begins within ourselves and radiates outward into our communities and the world.

**A Global Responsibility**

World peace is not the responsibility of one nation or a handful of leaders. It is a collective responsibility that transcends borders. We must come together, recognizing that our shared humanity binds us and that our actions today will shape the world of tomorrow.

**Conclusion: A Collective Effort**

The imperative of world peace is not just a moral calling; it is a pragmatic necessity for the survival and prosperity of our planet. It is a call to set aside our differences, foster understanding, and commit to a world where harmony prevails, in unity and with determination, we can nurture peace, ensuring a brighter and more secure future for all of humanity.

Founder and Working Director, TRUST – a Science Lover Organization
'Scientific Officer',
Indian Climate Congress
**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**





# ବୟନ ଶିଳ୍ପ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର



**ଆଠଗଡ(ଭିଓଭି):** ଆଠଗଡ ବୟନ ଶିଳ୍ପ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର। ଏଠାରେ ଦୀର୍ଘ ବର୍ଷ ଧରି ରହି ଆସିଥିବା ବୟନ ଶିଳ୍ପ ସୁପରଭାଇଜରଙ୍କ ହାତରେ ବୟନ ଶିଳ୍ପ କାର୍ଯ୍ୟାଳୟ, ବୋଲି ଅଭିଯୋଗ ହେଉଛି। ଆଠଗଡ ବୟନ ମଣ୍ଡଳରେ ବୁଣାକାରଙ୍କ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି, ଗୃହ ଓ କର୍ମଶାଳାରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଗରିବ ବୁଣାକାରମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ବୁଣାକାରମାନଙ୍କର ଆସୁଥିବା ପ୍ରୋତ୍ସାହନ ରାଶିକୁ ତଥା କଥିତ ସୁପରଭାଇଜର ରାଜନୈତିକ ଛତ୍ର ଛାୟା ତଳେ ରହି ଅଣକୁଶଳୀ ରାଜନୈତିକ କର୍ମକର୍ତ୍ତାମାନଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିଥାନ୍ତି ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ ହୋଇ ଆସୁଥିବା ବୁଣାକାରମାନଙ୍କ ବିଭିନ୍ନ ପ୍ରୋତ୍ସାହନ ରାଶିକୁ ଏହିଭଳି ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି। ଏହା ବିରୁଦ୍ଧରେ ଏହି ଜନହିତକର ଯୋଜନାକୁ ପ୍ରକୃତ ଯୋଗ୍ୟ ବୁଣାକାର ଚିହ୍ନଟ କରି ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ବୁଣାକାର ମହଲରେ ଦାବି ଜୋର ଧରିଛି। ଏହି ସବୁ ଦୁର୍ନୀତିର ବିଷୟରେ ଆଠଗଡ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରିବାରେ ନିର୍ବାଚନ ଡିୟୁଟିରେ ଅଛି ତେଣୁ ତଥ୍ୟ ଦେବାରେ ବିଳମ୍ବ ହେବ ବୋଲି ପ୍ରକାଶ କରିଥିଲେ। ଏପଟେ ତଥାକଥିତ ବୟନ ଶିଳ୍ପ ସୁପରଭାଇଜରଙ୍କୁ ପଚାରିବାରେ ସହକାରୀ ବୟନ ଶିଳ୍ପ ଅଧିକାରୀଙ୍କ ଠାରୁ ବୁଝିକି କହିବେ ବୋଲି କହି ରହିଯାଇଥିଲେ । ଦୀର୍ଘ ଦିନ ବିତି ଯାଇଥିବା ବେଳେ କୌଣସି ସୂଚନା କି ତଥ୍ୟ ଦେଇ ନ ଥିଲେ, ଉଭୟ ଅଧିକାରୀ ଓ ସୁପରଭାଇଜର। ବିଶେଷ ସୂତରୁ ଜଣାପଡିଛି ଯେ ଆଠଗଡ ବୟନ ମଣ୍ଡଳରେ ୧୫ ହଜାରରୁ ଊର୍ଦ୍ଧ୍ୱ ବୁଣାକାର ଥିବା ବେଳେ ୯୦ ଟି ବୁଣାକାର ସମବାୟ ସହଯୋଗ ସମିତି ଥିବା ଜଣାପଡିଛି।ଏମାନଙ୍କ ପାଇଁ ଆସୁଥିବା ତନ୍ତ, ତନ୍ତ ସରଜାମ, ବାଇଣ୍ଡିଙ୍ଗ ମେସିନ, ଇନଭଟର, ଆଉ ବିଭିନ୍ନ ସ୍କିମରେ ଆସୁଥିବା ପ୍ରୋତ୍ସାହନ ରାଶିର ତଥ୍ୟ ଦେଇ ନ ଥିଲେ କାରଣ ଏହି ସବୁ ପ୍ରୋତ୍ସାହନ ରାଶିକୁ ଗରିବ ବୁଣାକାରଙ୍କ ପେଟରେ ଲାତ ଦେଇ କୋଟି କୋଟି ଟଙ୍କାକୁ ଚଲୁ କରୁଥିବା ଅଭିଯୋଗ ହେଉଛି । ଏପଟେ ବଡମ୍ବା ଥାନା କଷିକିଆରୀ ଗ୍ରାମର ବଳଭଦ୍ର ବିହାଡି ବୟନ ଶିଳ୍ପ ସୁପର ଭାଇଜର ଦୀର୍ଘ ୧୧ ବର୍ଷରୁ ଊର୍ଦ୍ଧ ଦିନ ଧରି ଆଠଗଡ଼ ବୟନ ଶିଳ୍ପ କାର୍ଯ୍ୟାଳୟ ରହି ନିଜର ମନମାନି କରିବା ସହ ଚଳିତ ନିର୍ବାଚନ ସମୟରେ ସମବାୟ ସମିତି ବୁଣାକାର ଓ କର୍ମକର୍ତ୍ତାମାନଙ୍କୁ ସିଧାସଳଖ ଶାସକ ଦଳରେ ନିଜର ମତ ଦାନ କରିବା ପାଇଁ ପ୍ରବର୍ତ୍ତାଉଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ଦାମୋଦର ବେହେରା ଅଭିଯୋଗକାରୀ ବଳଭଦ୍ରଙ୍କୁ କିଛି ଆସାମାଜିକ ଲୋକଙ୍କୁ ଲଗାଇ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଛନ୍ତି । ଏହାର ବିଚରା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିବା ଜଣାପଡିଛି ।

# ନଦୀବନ୍ଧ ମରାମତି ନିମ୍ନମାନର: ଦୁଇ ବର୍ଷରେ ଧସିଚି ନଦୀ ବନ୍ଧ



**ଧାମନଗର(ଭିଓଭି):** ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆରୁ କରଦା ପଞ୍ଚାୟତର ରାମେଶ୍ୱରପୁର ଯାଏ ହୋଇଥିବା ନଦୀବନ୍ଧଟି ପୁଣି ଖରାପ ହୋଇଗଲାଣି। ଦୁଇ ବର୍ଷ ତଳେ ଏହି ନଦୀବନ୍ଧ ମରାମତି ଓ ପ୍ରଶସ୍ତିକରଣ କାମ ହୋଇଥିଲା। ହେଲେ ଗତ ବର୍ଷାଋତୁ ପରେ ବନ୍ଧ ଅବସ୍ଥା ଏବେ ପୂରା ଖରାପ। ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଓ କୋଳେଇପଦା ହୋଇ ରାମେଶ୍ୱରପୁର ପାଖରେ ସ୍ଥାନେ ସ୍ଥାନେ ବନ୍ଧ ଧାର ଧସିଗଲାଣି। ପାଖାପାଖି ୫ କିଲୋମିଟର ଲମ୍ବର ଏ ବନ୍ଧରେ ପ୍ରାୟ ୨୦ଟି ଜାଗାରେ ବନ୍ଧ ଧାର ଧସିଗଲାଣି। ବନ୍ଧ ଉପରେ ପଡ଼ିଥିବା ପିଚୁ ଉଠି ଗାତ ହୋଇଗଲାଣି। ବେଲମଳା ଓ ରଘୁନାଥପୁର ପାଖରେ ନଦୀ ପଠାରେ ଇଟା ପଡୁଥିବାରୁ କୋଇଲା, ବାଲି ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ନଦୀବନ୍ଧ ଦୁର୍ବଳ ହୋଇଗଲାଣି। ସେହିପରି ସୋଧ, କୋଳେଇପଦା ପାଖରେ ବନ୍ଧରେ ପଡ଼ିଥିବା ପିଚୁ ଉଠିଗଲାଣି। ସୋଧ ସାହୁ ସାହି ପାଖରେ ବନ୍ଧ ଉପରେ ପଡ଼ିଥିବା ପିଚୁରେ ଡିପ୍ରେସନ ଦେଖାଦେଇଛି। ଆଗାମୀ ଦିନରେ ଏହା ବଡ଼ ଗାତରେ ପରିଣତ ହୋଇଯିବା ଆଶଙ୍କା ରହିଛି। ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ବର୍ଷାବେଳେ ଅଧିକ ପାଣି ଆସିଥାଏ। ନଦୀଟି ସଂପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ଏହାର ଉଭୟ ପାର୍ଶବରେ ଥିବା ବନ୍ଧ ଉପରେ ଅଧିକ ଚାପ ପଡ଼ିଥାଏ। ଏଣୁ ବେଲମଳା ପାଖରୁ ରାମେଶ୍ୱରପୁର ଯାଏ ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘାଇ ହୋଇଛି। ଏହାକୁ ନଜରରେ ରଖି ଏହି ବନ୍ଧକୁ ମରାମତି କରିବା ଲାଗି ସବୁବେଳେ ଗୁରୁତ୍ୱ ଦିଆଯାଇଛି। ଏହି ଅନୁସାରେ ୨୦୧୪ ମସିହାରେ ବଡ଼ ବନ୍ୟା ପରେ ତତ୍କାଳୀନ ବିଜେଡି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏହି ବନ୍ଧକୁ ସୁଦୃଢ଼ୀକରଣ କରିବା ଲାଗି ସରକାରଙ୍କ ପାଖରେ ପ୍ରସ୍ତାବ ରଖିଥିଲେ। ୨୦୧୮-୧୯ ମସିହାରେ ନାବାର୍ଡରୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଜରିଆରେ ରାଜ୍ୟ ସରକାର ଶହଶହ କୋଟି ଟଙ୍କା ଋଣ ଆଣିଥିଲେ। ଏହି ଋଣ ଟଙ୍କା ସହ ନିଜସ୍ୱ ଅର୍ଥ ମିଶାଇ ୯ କୋଟି ୯୬ ଲକ୍ଷ ଟଙ୍କା ଏହି ବନ୍ଧ ମରାମତି ଓ ସୁଦୃଢ଼ୀକରଣ କରିବା ଲାଗି ମଞ୍ଜୁର କରିଥିଲେ। ଆରଆଇଡିଏଫରୁ ୯ କୋଟି ୪୭ ଲକ୍ଷ ଟଙ୍କା ଅଣାଯାଇଥିଲା। ବାକି ଅର୍ଥ ସରକାର ଦେଇଥିଲେ। ୨୦୧୮-୧୯ରେ ପ୍ରକଳ୍ପ ମଞ୍ଜୁର ହୋଇଥିଲେ ବି ୨୦୧୯-୨୦ରେ କାମ ଆରମ୍ଭ ହୋଇଥିଲା। କରୋନା ପାଇଁ ସାମାନ୍ୟ ପ୍ରଭାବିତ ହୋଇ ୨୦୨୨ରେ କାମ ସରିଥିଲା। ନଦୀବନ୍ଧରେ ମାଟି ପକାଯାଇ ଉପର ଅଂଶକୁ ୧୮ ଫୁଟ୍ ଚଉଡ଼ା କରାଯାଇଥିଲା। ତା ସହ ୧୦ ଫୁଟ୍ ଚଉଡ଼ାର ପିଚୁ ବି ପଡ଼ିଥିଲା। ୨୦୨୨ରେ ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ଯାଏ କାମ ଶେଷ ହୋଇଥିଲା। ଏହାପରେ ୨୦୨୨ ମସିହା ବର୍ଷା ଋତୁ ପରେ ଏବେ ବନ୍ଧର ଅବସ୍ଥା ଅତି ଖରାପ ହୋଇଗଲାଣି। ବର୍ଷେ ବିତିଲାନି, କାମ ଖରାପ ହୋଇଗଲା। ସରକାର କୋଟି କୋଟି ଟଙ୍କା ଋଣ କରି ଆଣିଲେ। ହେଲେ କ୍ଷେତ୍ରୀୟ ଅଧିକାରୀ ଉପଯୁକ୍ତ ଭାବେ ଜଗାରଖା ନ କରିବାରୁ କାମ ନିମ୍ନମାନର ହେଲା। ଆଉ ବର୍ଷକ ଭିତରେ ନଷ୍ଟ ହୋଇଗଲା। ଏନେଇ ଧାମନଗର ଜଳଶଂପଦ ବିଭାଗର ଏସଡିଓ ବିଜୟ ସେଠୀଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ ଠିକାଦାରଙ୍କ ଉପରେ ମରାମତି କରିବାର ଦାୟିତ୍ୱ ରହିଛି।

# ଜଳ ନିଷ୍କାସନକୁ ଅବରୋଧ, ରାସ୍ତା ଉପରେ ପାଣି

**ଭାପୁର(ଭିଓଭି):** ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ଅନ୍ତର୍ଗତ ବାରବାଟି ନୂଆଗାଁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ବର୍ଷା ଅସରାଏ ହେଲେ ଜମି ରହୁଛି ବର୍ଷା ପାଣି। ପାଣି ନିଷ୍କାସନ ନାଳ ନିକଟରେ ୫ ବର୍ଷ ହେଲା ସେହି ଗ୍ରାମର କିଛି ବ୍ୟକ୍ତି ସେମାନଙ୍କର ଜାଗାରେ ଘର କରିବା ପାଇଁ ମାଟି ପକେଇ ଦେବାରୁ ନଳାରେ ପାଣି ନିଷ୍କାସନ ନହୋଇ ନିକଟରେ ଥିବା ନୂଆଗାଁ ସାହି ମଝିରେ ବର୍ଷା ପାଣି ଜମି ରହିବା ଫଳରେ ଯାତାୟାତରେ ବାଧା ଉପୁଜୁଛି ଏବଂ ଛୋଟ ବଡ ଦୁର୍ଘଟଣା ଘଟି ଆହତ ହେଉଥିବା ନଜିର ରହିଛି । ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଭାପୁର ବ୍ଲକ ବିଡିଓ ଏବଂ ତହସିଲଦାରଙ୍କୁ ଅଭିଯୋଗ ପରେ ସେମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ଉତ୍ୟକ୍ତ ହୋଇ ସେହି ରାସ୍ତା ଉପରେ ଟ୍ରିପ ଟ୍ରିପ ମାଟି ଗଦେଇଦେଲେ, ତଥାପି ପ୍ରଶାସନର ସମାଧାନ ପାଇଁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ । ଯାହାଫଳରେ, ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ନହୋଇ ଜମି ରହୁଥିବାରୁ ଗ୍ରାମବାସୀ ଯାତାୟାତ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ମୁଖୀନ ହେଉଛନ୍ତି ।

## ଜରୁରୀ ଯୋଗାଯୋଗ

| | |
|---|---|
| ପୁଲିସ କଣ୍ଟ୍ରୋଲ ରୁମ୍ | 100 |
| ପୁଲିସ କମିସନର ଅଫିସ | 2530035/ 2530048 |
| ଡିସିପି କାର୍ଯ୍ୟାଳୟ | 2540555 |
| ସିବିଆଇ କାର୍ଯ୍ୟାଳୟ | 2561567 |
| ଭିଜିଲାନ୍ସ ଅଭିଯୋଗ | 2305201 |
| ଟ୍ରାଫିକ୍ ଥାନା | 2530941 |
| ଗୁଇନ୍ଦା ବିଭାଗ | 2540294 |
| ଅଗ୍ନିଶମ | 101 |
| ଅଗ୍ନିଶମ (କଳ୍ପନା) | 2312088/ 2312089 |
| ଅଗ୍ନିଶମ (ଚନ୍ଦ୍ରଶେଖରପୁର) | 2744440 |
| ଅଗ୍ନିଶମ (ସଚିବାଳୟ) | 2390454 |
| ଆମ୍ବୁଲାନ୍ସ | 108 |
| ପ୍ରସୂତି ଓ ଶିଶୁ | 102 |
| ହାଇୱେ ଆମ୍ବୁଲାନ୍ସ | 18004208289 |
| ରେଡ଼କ୍ରସ ବ୍ଲଡ ବ୍ୟାଙ୍କ | 2394985 |
| କ୍ୟାପିଟାଲ ହସ୍ପିଟାଲ | 2391983 |
| ବିଏମ୍ସି ହାସ୍ପାତାଳ | 2590255 |
| ବିଏମ୍ସି ସିଟିହେଲ୍ଥ ଅଫିସ | 2392894 |
| ଚାଇଲ୍ଡ ଲାଇନ ଓ ରୁଚିକା ସୋସିଆଲ ସର୍ଭିସ୍ | 2342092 |
| ଜଳଯୋଗାଣ ନିୟନ୍ତ୍ରଣ କକ୍ଷ | 2543647 |
| ବରମୁଣ୍ଡା ବସ୍ ଅନୁସନ୍ଧାନ | 2354769 |
| ବିମାନ ଅନୁସନ୍ଧାନ | 2596322 |
| ରେଳବାଇ ଅନୁସନ୍ଧାନ | 139/ 0674-2532233 |

## ବିଏମ୍ସି

| | |
|---|---|
| କମିସନର | 2431403 |
| ଅତିରିକ୍ତ କମିସନର | 2434742 |
| ମୁଖ୍ୟ ପ୍ରଶାସକ | 2432346 |
| ସିଟି ହେଲ୍ଥ ଅଫିସ୍ | 2391894 |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଉତ୍ତର) | 2301002 |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପଶ୍ଚିମ) | 2552715 |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପୂର୍ବ) | 2431343 |

## ସ୍ମାର୍ଟସିଟି

| | |
|---|---|
| ନିୟନ୍ତ୍ରଣ କକ୍ଷ | 2548295 / 18003450061 |

### କ୍ଷମତାରେ ଥିବା ବେଳେ କରିଥିଲେ କୁକର୍ମ,

# ଏବେ ପୂର୍ବତନ ଡିଆଇଜି ଓ ଡିଏସପିଙ୍କୁ ମିଳିଲା କଠୋର ଜେଲଦଣ୍ଡ

**ନୂଆଦିଲ୍ଲୀ:** ପଦରେ ଥିବା ବେଳେ ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଜଣେ ନିରୀହ ପରିବା ବିକାଳିଙ୍କୁ ଅପହରଣ କରି ନେଇ ଗୁଳି କରି ଦେଇଥିଲେ। ଭାବିଥିଲେ କେହି କିଛି କରିପାରିବେ ନାହିଁ। ହେଲେ ବିଳମ୍ବରେ ହେଉ ପଛେ ନିଜର କୁକର୍ମ ପାଇଁ ଦଣ୍ଡ ପାଇଛନ୍ତି ଦୁଇ ଜଣ ପୂର୍ବତନ ପୁଲିସ୍ ଅଧିକାରୀ। ପଞ୍ଜାବର ପୂର୍ବତନ ଡିଆଇଜି ଦିଲବାଗ ସିଂହ ଓ ଡିଏସ୍‌ପି ଗୁରବଚନ ସିଂହଙ୍କୁ ମିଳିଛି ଜେଲଦଣ୍ଡ। ଦିଲବାଗଙ୍କୁ ସ୍ୱତନ୍ତ୍ର କୋର୍ଟ ୭ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଗୁରବଚନଙ୍କୁ ମିଳିଛି ଆଜୀବନ ଜେଲଦଣ୍ଡ। ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଆରକେ ଗୁପ୍ତା ଗୁରୁବାର ଏମାନଙ୍କୁ ଫେକ ଏନକାଉଣ୍ଟର କେସରେ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇଛି। ୧୯୯୫ରେ ସୁପ୍ରିମକୋର୍ଟ ବିପୁଳ ସଂଖ୍ୟାର ଦାବିଦାର ନଥିବା ମୃତଦେହଗୁଡ଼ିକୁ କରାଯାଇଥିବା ସଂସ୍କାର ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏହା ମଧ୍ୟରେ ପରିବା ବିକାଳି ଗୁଲଶନ କୁମାରଙ୍କ ମାମଲା ମଧ୍ୟ ରହିଥିଲା। ଗୁଲଶନଙ୍କ ବାପା ଚମନଲାଲ ଅଭିଯୋଗ କରିଥିଲେ ଯେ ୧୯୯୩ ମସିହା ଜୁନ ୨୨ରେ ସେ ଓ ତାଙ୍କ ପୁଅ ପ୍ରବୀଣ କୁମାର, ବବୀ କୁମାର ଓ ଗୁଲଶନ କୁମାରଙ୍କୁ ଡିଏସ୍‌ପି ଦିଲବାଗ ସିଂହ ଓ ତରନ ତାରନ ସହରର



ଏସ୍‌ଏଚ୍‌ଓ ଗୁରବଚନ ସିଂହଙ୍କ ନେତୃତ୍ୱରେ ଗୋଟିଏ ପୁଲିସ୍ ଟିମ ଘରୁ ଉଠାଇ ନେଇଥିଲା। କିଛି ଦିନ ପରେ ପୁଲିସ୍ ଚମନ ଲାଲ ଓ ବାକି ୨ ପୁଅଙ୍କୁ ଛାଡ଼ିଥିଲେ ହେଁ ଗୁଲଶନ କୁମାର ହେପାଜତରେ ରହିଥିଲେ। ତାଙ୍କୁ ତରନ ତାରନ ପୁଲିସ୍ ଷ୍ଟେନରେ ରଖାଯାଇଥିବାରୁ ପରିବାର ଲୋକ ନିୟମିତ ଖାଦ୍ୟ ନେଇ ଯାଉଥିଲେ। କିନ୍ତୁ ୧୯୯୩ ମସିହା ଜୁଲାଇ ୨୨ରେ ଗୁଲଶନ କୁମାର ଓ ଅନ୍ୟ ୩ ଜଣଙ୍କୁ ପୁଲିସ୍ ଏନକାଉଣ୍ଟର କରି ଦେଇଥିବା ଜଣାପଡ଼ିଥିଲା। ତେବେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନଥିଲା ଓ ଏହାର କୌଣସି ଦାବିଦାର ନଥିବା କହି ପୁଲିସ୍? ନିଜ ଆଡୁ ଅନ୍ତିମ ସଂସ୍କାର କରି ଦେଇଥିଲା। ଗୁଲଶନଙ୍କ ସହ ଉକ୍ତ ତଥାକଥିତ ଏନକାଉଣ୍ଟରରେ କର୍ଣ୍ଣାଇଲ, ଜର୍ଣ୍ଣାଇଲ ଓ ହରଜିନ୍ଦର ସିଂହଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଡିଏସ୍‌ପି ଦିଲବାଗ, ଇନସପେକ୍ଟର ଗୁରବଚନ, ଏଏସ୍‌ଆଇ ଅର୍ଜୁନ ସିଂହ, ଏଏସ୍‌ଆଇ ଦବିନ୍ଦର ସିଂହ ଓ ଏଏସ୍‌ଆଇ ବଲବୀର ସିଂହଙ୍କ ବିରୋଧରେ ଗୋଟିଏ ଚାର୍ଜଶିଟ ୧୯୯୯ ମସିହାରେ ଦାଖଲ କରାଯାଇଥିଲା। ତେବେ ମାମଲାର ଶୁଣାଣି ବେଳେ ଏଏସ୍?ଆଇ ଅର୍ଜୁନ ସିଂହ, ଏଏସ୍?ଆଇ ଦବିନ୍ଦର ସିଂହ ଓ ଏଏସ୍‌ଆଇ ବଲବୀର ସିଂହଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ୧୯୯୩ ମସିହା ଜୁଲାଇ ୨୨ରେ ହୋଇଥିଲେ ହେଁ ଚାର୍ଜଫ୍ରେମ ୨୦୨୨ ଫେବୃଆରୀ ୭ରେ କରାଯାଇଥିଲା।

ଘଟଣାର ପ୍ରଥମ ସାକ୍ଷୀଙ୍କ ବୟାନ ୩୦ ବର୍ଷ ପରେ ଅର୍ଥାତ ୨୦୨୨ ମସିହା ଏପ୍ରିଲ ୨୫ରେ ଗ୍ରହଣ କରାଯାଇଥିଲା। ଏହାପରେ ସିବିଆଇ କୋର୍ଟ ଆଇପିସିର ବିଭିନ୍ନ ଦଫାରେ ଦିଲବାଗ ଓ ଗୁରବଚନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# ରାହୁଲଙ୍କୁ କାଠଗଡ଼ାକୁ ଟାଣିଥିଲା ବିଜେପି, ମିଳିଲା ଜାମିନ

**ନୂଆଦିଲ୍ଲୀ:** ରାହୁଲ ଗାନ୍ଧିଙ୍କୁ ମିଳିଲା ଆଶ୍ୱସ୍ତି । କର୍ଣ୍ଣାଟକା ବିଜେପି ପକ୍ଷରୁ ରାହୁଲଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ତାଙ୍କୁ ଜାମିନ ମିଳିଛି। ବାଙ୍ଗାଲୁରୁ କୋର୍ଟ ରାହୁଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ଗଣମାଧ୍ୟମରେ ପ୍ରଦର୍ଶୀତ ବିଜ୍ଞାପନରେ ବିଜେପି ଦୁର୍ନୀତିରେ ଲିପ୍ତ ଥିବା ଦର୍ଶାଯାଇଥିଲା। ଏପରିକି ନିଜ ଶାସନ କାଳ ସମୟରେ ୨୦୧୯ରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଜେପି ରାଜ୍ୟରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା କୁହାଯାଇଥିଲା। ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମନ୍ତେ ବିଜେପି ନେତା ୪୦% କମିଶନ ଖାଉଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏକ ଦୁର୍ନୀତି ରେଟ୍ କାର୍ଡ ବି ସାର୍ବଜନୀନ କରିଥିଲା। ।

ବିଜେପି ବିଧାୟକ ତଥା ଜେନେରାଲ ସେକ୍ରେଟାରୀ କେଶବ ପ୍ରସାଦ ଏହି ମାମଲାରେ କଂଗ୍ରେସ ନେତାଙ୍କୁ କାଠଗଡ଼ାକୁ ଟାଣିଥିଲେ। ଏପରିକି ମିଥ୍ୟା ବିଜ୍ଞାପନ ଦେଇ ବିଜେପିର ଛବି ମଳିନ କରିବା ସହ ସାଧାରଣ ଜନତାଙ୍କୁ ଭ୍ରମିତ କରିବା ନେଇ ସେ ଡି.କେ ଶିବକୁମାର, ସିଦ୍ଧରମୈୟା ଓ ରାହୁଲ ଗାନ୍ଧିଙ୍କ



ବିରୋଧରେ ଅଭିଯୋଗ କରିଥିଲେ।

ଗତ ୧ ତାରିଖରେ ବାଙ୍ଗାଲୁରୁ କୋର୍ଟ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଦିନ ରାହୁଲ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ - ବିହୀନ ଗିରଫ ପରୱାନା ଜାରି କରିବାକୁ ବିଜେପି ପକ୍ଷରୁ ଦାବି କରାଯାଇଥିଲା।

ଏହାପରେ କୋର୍ଟ ପକ୍ଷରୁ ତାଙ୍କୁ ଆଜି ହାଜର ହେବାକୁ କୁହାଯାଇଥିଲା। ଆଜି ରାହୁଲ କୋର୍ଟରେ ହାଜର ହୋଇଥିବା ବେଳେ ସେଠାରେ ମାମଲାର ଶୁଣାଣି ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହାପରେ ରାହୁଲ କୋର୍ଟରୁ ବାହାରି ଯାଉଥିବା ଦେଖିବାକୁ ମିଳିଥିଲା।

# ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ନକ୍ସଲ ସଫା

**ନୂଆଦିଲ୍ଲୀ:** ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଏଠାରେ ଚାଲିଥିବା ଏନକାଉଣ୍ଟରେ ୫ ଜଣ ନକ୍ସଲ ନିହତ ହୋଇଛନ୍ତି। ସେହିପରି ନକ୍ସଲଙ୍କ ସହ ଲଢ଼େଇ କରିବା ପରେ ୩ ଜଣ ଯବାନ ଆହତ ହୋଇଛନ୍ତି। ଓରଛା ଅଞ୍ଚଳରେ ଥିବା ଗୋବାଲ ଗାଁ ନିକଟରେ ଥିବା ଗୋଟିଏ ଜଙ୍ଗଲରେ ନକ୍ସଲ ବିରୋଧୀ ଅପରେସନ ବେଳେ ଏପରି ଗୁଳିବିନିମୟ ହୋଇଥିବା ପୁଲିସ୍ କହିଛି।

ଆଜି ନାରାୟଣପୁର, କୋଣ୍ଡାଗାଁ, ଦାନ୍ତେୱାଡା ଓ ବସ୍ତର ଜିଲ୍ଲାର ଡିଆରଜି ଯବାନ ଓ ଆଇଟିବିପିର ଯବାନମାନେ ମିଳିତ ଭାବେ ଜଙ୍ଗଲରେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ଖବର ପାଇଥିଲେ। ଏହାପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ମିଳିତ ଅପରେସନ କରାଯାଇଥିଲା। ନକ୍ସଲମାନେ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଗୁଳିମାଡ଼ ଆରମ୍ଭ କରି ଦେଇଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀମାନେ ଦେଇଥିଲେ।

ଦୀର୍ଘ ସମୟ ଧରି ଚାଲିଥିବା ଗୁଳିବିନିମୟ ଶେଷ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ ୫ ଜଣ ନକ୍ସଲଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ମିଳିଛି। ତେବେ ସେମାନଙ୍କର ପରିଚୟ ମିଳିନାହିଁ।

ସେହିପରି ଅପରେସନ ବେଳେ ଆହତ ହୋଇଥିବା ୩ ଜଣ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିଲା। ଏହାପରେ ସେମାନଙ୍କୁ ହେଲିକପ୍ଟର ଯୋଗେ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଜେଲ୍‌ରୁ ବାହାରିବେ ଅମୃତପାଲ ସିଂହ !

**ନୂଆଦିଲ୍ଲୀ:** ଜେଲ୍‌ରୁ ବାହାରକୁ ଆସିବେ ଖଲିସ୍ତାନୀ ନେତା ତଥା ସାଂସଦ ଅମୃତପାଲ ସିଂହ। ଶପଥ ଗ୍ରହଣ ପାଇଁ ସେ ଜେଲ୍‌ରୁ ବହାରକୁ ଆସିପାରନ୍ତି। ଅମୃତପାଲଙ୍କ ବାପା-ମା’ ପୁଅକୁ ଜେଲରୁ ବାହାରକୁ ଆଣିବା ପାଇଁ ପୂରା ଦମ୍ ଲଗାଇ ଦେଇଛନ୍ତି। ଏଥିପାଇଁ ସେମାନେ କୋର୍ଟରେ ପୁଅର ପରୋଲ ପାଇଁ ଆବେଦନ କରିଛନ୍ତି।

ପଞ୍ଜାବର ଖଦୁର ସାହିବ ଲୋକସଭା ଆସନରୁ ଅମୃତପାଲ ସିଂହ ନିର୍ବାଚନ ଜିତିଛନ୍ତି। ତେବେ ସାଂସଦ ପଦର ଶପଥ ଗ୍ରହଣ ପାଇଁ ଅମୃତପାଲଙ୍କୁ ଜେଲ୍‌ରୁ ବାହାରକୁ ଆଣିପା ପାଇଁ ତାଙ୍କ ପରିବାର ଲୋକେ ଲାଗି ପଡିଛନ୍ତି। ଏଥିପାଇଁ ଖୁବଶୀଘ୍ର ଡିଏମ୍‌ଙ୍କ ନିକଟରେ ପରିବାର ଲୋକେ ତାଙ୍କ ପାରୋଲ ପାଇଁ ଆବେଦନ କରିବେ। ଏହାପୂର୍ବରୁ



ସମସ୍ତ ଆଇନଗତ ଔପଚାରିକତା ପୂରଣ କରିବା ପାଇଁ ଆସାମର ଦିବ୍ରୁଗଡରେ ପହଞ୍ଚିଛନ୍ତି ପରିବାର ଲୋକେ। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସୁପାରିଶ ପରେ ତାଙ୍କ ଆବେଦନକୁ ବର୍ତ୍ତମାନ ଜେଲ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀର ଆବଶ୍ୟକତା ପଡିବ। ଅନ୍ୟପକ୍ଷରେ ଅମୃତପାଲ ସିଂହଙ୍କ ବାପା-ମା’ ଜେଲ୍ ପହଞ୍ଚିଥିଲେ। ଜେଲ ଯାଇ ସେ ସାଂସଦ ପୁଅ ପାଇଁ ମିଠା ବାଣ୍ଟିଥିଲେ। ଅମୃତପାଲ ସିଂହଙ୍କୁ ଜେଲରେ ଭେଟିବା ପରେ ତାଙ୍କ ବାପା କହିଛନ୍ତି ଯେ ‘ଆମ ପୁଅ ନିର୍ବାଚନରେ ଜିତିଥିବାରୁ ଆମେ ବହୁତ ଖୁସି। ଆମେ ତାକୁ ଭେଟିବାକୁ ଆସିଥିଲୁ ଯାହା ଦ୍ୱାରା ସେ ମଧ୍ୟ ଖୁସି ହେବେ ଯେ, ଲୋକମାନେ ତାଙ୍କୁ କେତେ ଭଲ ପାଆନ୍ତି।’ ୱାରିସ ପଞ୍ଜାବ ଦେ’ ମୁଖ୍ୟ ଅମୃତପାଲ ଏବେ ଆସାମର ଦିବ୍ରୁଗଡ଼ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ଗତବର୍ଷ ତାଙ୍କୁ ଏନଏସଏ ବଳରେ ଗିରଫ କରାଯାଇଥିଲା। ୨୦୨୩ ମସିହା ଫେବୃଆରୀ ମାସରେ ତାଙ୍କର ଜଣେ ସମର୍ଥକଙ୍କୁ ପୁଲିସ୍ ଗିରଫ କରିଥିଲା। ଏହାପରେ ତାଙ୍କ ଶହଶହ ସମର୍ଥକ ପୁଲିସ୍ ଷ୍ଟେସନରେ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଅମୃତପାଲ ଚର୍ଚ୍ଚାକୁ ଆସିଥିଲେ।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com

www.voiceofvictims.co.in

**Follow / Like / Subscribe :**

Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** **ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**